ବର୍ଷ-୨୬, ସଂଖ୍ୟା-୨୩୨
ଭୁବନେଶ୍ୱର
ଅଗଷ୍ଟ ୨୮, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 232
Bhubaneswar
August, 28 2026, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମାଟି କାଦୁଅ ଭିତରୁ ଖୋଜା ଚାଲିଛି ଜୀବନ

କାଠମାଣ୍ଡୁ, ୨୭।୮(ମହାଭାରତ): ନେପାଳ ଜଳ ପ୍ରଳୟର ସମୟ ଯେତିକି ଗଡୁଛି ମୃତ୍ୟୁସଂଖ୍ୟା ସେତିକି ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା କାଦୁଆ ମିଶା ମାଟି ତଳୁ ମିଳାଣି ୩୫୩ ଜଣଙ୍କ ମୃତଦେହ। ଏହାବାଦ ଅନେକ ସ୍ଥାନରୁ ମିଳିଛି ଲୋକଙ୍କ କଟା ଗୋଡ ଓ ହାତ।ଉଦ୍ଧାରକାରୀ ଟିମ ଚିତଓ୍ୱାନରୁ

## ମୃତ୍ୟୁସଂଖ୍ୟା ୩୫୮କୁ ବୃଦ୍ଧି, ୨୮ ଭାରତୀୟ ନିଖୋଜ

ସର୍ବାଧିକ ୧୦୮ଟି ମୃତଦେହ ଉଦ୍ଧାର କରିଥିବା ବେଳେ ନାଓ୍ୱାଲପାରାସିରୁ ୬୨ଟି, ଧାଡିଙ୍ଗରୁ ୨୭ଟି ଓ ପଶ୍ଚିମ ନାଓ୍ୱାଲପାରାସିରୁ ୧୫ଟି ମୃତଦେହ ଠାବ କରିଛନ୍ତି। ଏଥିସହ ଗୋର୍ଖାରୁ ୧୭, ରସୁଓ୍ୱାରୁ ୧୨, ନୁଓ୍ୱାକୋଟରୁ ୧୨ଟି ଓ ତାନାହୁନରୁ ୯ ଜଣଙ୍କ ମୃତଦେହ ମିଳିଛି।

ସମୟ ସହ ଲଢ଼େଇ କରୁଛନ୍ତି ଉଦ୍ଧାରକାରୀ ଟିମ। ସମୟ ଗିବା ସହ ବୃଦ୍ଧି ମୃତ୍ୟୁସଂଖ୍ୟା। କୋଠା ଉଚ୍ଚର ମାଟି





କାଦୁଅ ଭିତରେ ଖୋଜା ଚାଲିଛି ଜୀବନ। ଖୋଜି ଖୋଜି ଉଦ୍ଧାରକାରୀ ଟିମ ନୟାନ୍ତ ହେଉଥିବା ବେଳେ ଧ୍ୱଂସବଶେଷ ତଳକୁ ମିଳୁଛି କୁକୁ ଶବ।

କିଛି ମୃତଦେହର ମୁଣ୍ଡ ନଥିବା ବେଳେ ଆଉ କିଛି ସ୍ଥାନରୁ ମିଳିଛି କେବଳ କଟା ହାତ ଓ ଗୋଡ। ଚିତ୍ର ବିଚଳିତ କରୁଥିବା ବେଳେ ହଜାର ହଜାର ଲୋକ ଏବେ ବି ନିଖୋଜ। ନିଜ ପ୍ରିୟଜନଙ୍କୁ ଆଖି ସାମ୍ନାରେ ହରାଇଥିବା ବିପନ୍ନ ବି ବୁଧବାର କଳା ଦିନର କାହାଣୀ କହିବା ଆରମ୍ଭ କରିଛନ୍ତି।

ନେପାଳରେ ବୁଧବାର ଆସିଥିବା ଜଳ ପ୍ରଳୟ ଏବେ ପୂରା ବିଶ୍ୱକୁ କେବଳ ସ୍ତବ୍ଧ କରିନାହିଁ, ବରଂ ପ୍ରକୃତିର ତାଣ୍ଡବ ଆଗରେ ମଣିଷ କେତେ ନାଚାର ସେକଥା ଶିଖାଇ ଦେଇଛି।

ବୁଧବାର ନେପାଳର ଉତ୍ତର ପ୍ରାନ୍ତରେ ଦେଖିବାକୁ ମିଳିଛି ବିଶ୍ୱ ଇତିହାସର ଅନ୍ୟତମ ବଡ ଜଳ ପ୍ରଳୟ। ନେପାଳ-ତିବ୍ବତ ସୀମାରେ ଆସିଥିବା ଜଳ ପ୍ରଳୟ ପରେ ମିଳିଲାଣି ୨୦୦ରୁ ଅଧିକ ଶବ। ପାଣିର ପ୍ରଖର ସ୍ରୋତରେ ଏକାଧିକ ଜିଲ୍ଲାର ଅନେକ ଗାଁ ଏବେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଭୋଟେ କୋଶୀ ନଦୀରେ ବିନା ସତର୍କ ସୂଚନାରେ ଆସିଥିବା ବନ୍ୟା ନେପାଳର ୩ଟି ଜିଲ୍ଲାରେ ରଚିଛି ତାଣ୍ଡବ।

ଯଦିଓ କେଉଁ ପରିସ୍ଥିତିରେ ନେପାଳ ଏତେ ବଡ ଜଳ ପ୍ରଳୟର ସାମ୍ନା କଲା ସେକଥା ଜଣାପଡିନି, ତଥାପି ଭୋଟେ କୋଶୀର ସହାୟକ ନଦୀ ଲହେଣ୍ଡେର ଜଳ ଗୋଟିଏ ବଡ ବରଫ ଖଣ୍ଡ ପାଇଁ ଅଟକିବା ପରେ ଶେଷରେ ଭୟଙ୍କର ରୂପ ନେଇଥିଲା। ପ୍ରଥମେ ପାଣି ନେପାଳ ସୀମାନ୍ତ ତିମୁରେରେ ମାଡ ହୋଇ ଅନ୍ୟ ସ୍ଥାନକୁ ପ୍ରବାହିତ ହୋଇଥିଲା।

ଏହାର କିଛି ମିନିଟ ପରେ ବନ୍ୟା ପାଣି ଘୁଘୁ ଶବ୍ଦ ସହ ସମୁଦ୍ରର ଭ୍ରମ ସୃଷ୍ଟି କରି ତଳିଆ ଅଞ୍ଚଳକୁ ମାଡି ଯାଉଥିଲେ। ଆଉ ନେପାଳର ରସୁଓ୍ୱା, ନୁଓ୍ୱାକୋଟ ଓ ଧାଡିଙ୍ଗର ଅନେକ ଅଞ୍ଚଳକୁ ଆଖି ପିଛୁଳାକେ ଭସାଇ ନେଇଥିଲା। ଏବେ ବନ୍ୟା ଜଳ ଛାଡି ଯାଇଥିଲେ ହେଁ ନୁଓ୍ୱାକୋଟରେ ଥିବା ଘର, ରାସ୍ତା, ବ୍ରିଜ୍ ଓ ବଜାର ଗୁଡ଼ିକ ଏବେ ମାଟି କାଦୁଅ ଭିତରେ ପୋତି ହୋଇଯାଇଛି। ସେଠାରେ ପୂର୍ବରୁ ଲୋକମାନେ ଚଳାଚଳ କରୁଥିବାର କୌଣସି ଚ଼ିହ୍ନବର୍ଣ୍ଣ ନାହିଁ।

ନୁଓ୍ୱାକୋଟର ତ୍ରିଶୁଳୀ ବଜାର ବେଶ ପରିଚିତ। ଏହି ବଜାର ମଧ ପ୍ରକୃତିର ତାଣ୍ଡବ ଯୋଗୁ ଛାରଖାର ହୋଇଯାଇଛି। ଏଠାରେ କପଡ଼ା ଦୋକାନ କରିଥିବା ଜଣେ ବ୍ୟକ୍ତି ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ହେଲେ ସେ ଦେଇଥିବା ତଥ୍ୟ ସମସ୍ତଙ୍କୁ ବିଚଳିତ କରିଛି। କାରଣ ବୁଧବାର ସକାଳେ ପ୍ରଶାସନର କିଛି ଲୋକ ଆସି ସ୍ଥାନୀୟ ଲୋକଙ୍କୁ କହିଥିଲେ ଯେ ତିବ୍ୱତ ପାର୍ଶ୍ୱରେ ଭୋଟେ କୋଶୀ ନଦୀ ଉପରେ ଥିବା ଗୋଟିଏ ବନ୍ଧ ଭାଙ୍ଗିଯାଇଛି। ଟନ୍ ଟନ୍ ପାଣି ଜନବସତି ଆଡ଼କୁ ମାଡି ଆସୁଛି। ତୁରନ୍ତ ଲୋକମାନେ ଉଚ୍ଚ ସ୍ଥାନକୁ ଦୌଡ଼ି ଚାଲି ଯାଆନ୍ତୁ। ପ୍ରଶାସନର ଚେତାବନୀର ମାତ୍ର କିଛି ସମୟରେ ହିଁ ପାଣି ମାଡି ଆସିଥିଲା। ଲୋକମାନେ ଦୌଡା ଦୌଡି ହୋଇ ଉଚ୍ଚ ସ୍ଥାନକୁ ଯିବାକୁ ଚାହିଁଥିଲେ। କିନ୍ତୁ କେବଳ କିଛି ଲୋକ ହିଁ ଏଥିରେ ସଫଳ ହୋଇଥିଲେ। ବାକି ଲୋକ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିବା ସେ କହିଛନ୍ତି। ବ୍ୟବସାୟୀଙ୍କ ଆଖି ସାମ୍ନାରେ ହିଁ ତାଙ୍କ ୧୮ ବର୍ଷୀୟ ପୁଅ ଓ ପତ୍ନୀ ଭାସି ଯାଇଥିବା ବ୍ୟବସାୟୀ ଜଣଙ୍କ କହିଛନ୍ତି। ବୁଧବାର ନେପାଳରେ ବର୍ଷା ନଥିଲା। ଲୋକମାନେ ନିଜ ଦୈନନ୍ଦିନ କାମରେ ବ୍ୟସ୍ତ ଥିଲେ। ହେଲେ ସକାଳ ପ୍ରାୟ ୯ଟା ବେଳକୁ ହଠାତ୍ ବିଶାଳ ଜଳରାଶି ସ୍ଥଳ ଭାଗକୁ ମାଡି ଆସିଥିଲା।

ବନ୍ୟା ପାଣି ପ୍ରାୟ ୧୦୦ ମିଟର ଉଚ୍ଚ ଢେଉ ଭଳି ମାଡି ସ୍ଥାନୀୟ ବଜାରକୁ ଭସାଇ ନେଇଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ବଜାରଟି ସଂପୂର୍ଣ୍ଣ ଗାଏବ ହୋଇ ଯାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ନେପାଳ ବନ୍ୟାରେ ୨ ଓଡ଼ିଆ ନିଖୋଜ

ଭୁବନେଶ୍ୱର ୨୭।୮(ମହାଭାରତ):ନେପାଳରେ ବୁଧବାର ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟାରେ ଅତିକମରେ ୩୦୦ ଜଣ ଭାରତୀୟ ନାଗରିକଙ୍କ ସମେତ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ୍ ଏହି ସୂଚନା ଦେବା ସହ କହିଛନ୍ତି ଯେ ରସୁଓ୍ୱା ଅଞ୍ଚଳରେ ଘଟିଥିବା ଏହି ଅଘଟଣାର ପ୍ରାଥମିକ ଆକଳନ ଅନୁଯାୟୀ ୩୫୮ ଜଣଙ୍କ ମୃତ୍ୟୁ ଘଟିସାରିଛି।

ସୂଚନାଯୋଗ୍ୟ, ଖୋର୍ଦ୍ଧାଜିଲ୍ଲାର ବାସିନ୍ଦା ସନ୍ଦୀପ ମହାପାତ୍ର ଓ ସିଦ୍ଧାର୍ଥୀ କୁମାରୀ ସାହୁ ୨୦୨୬ ଅଗଷ୍ଟ ୨୨ରେ ନେପାଳରେ ପହଞ୍ଚିଥିଲେ। ବର୍ତ୍ତମାନ ସେମାନଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଛି। କୌଣସି ପ୍ରକାର ଯୋଗାଯୋଗ ହୋଇପାରୁନାହିଁ। ତାଙ୍କ ଭଉଣୀଙ୍କଠାରୁ ସମସ୍ତ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ଦମ୍ପତି ୨୦୧୮ରୁ ଅଷ୍ଟ୍ରେଲିଆରେ ବସବାସ କରୁଛନ୍ତି। ଖବର ଲେଖାହେଲା ପର୍ଯ୍ୟନ୍ତ ସନ୍ଦୀପ ଓ ସିଦ୍ଧାର୍ଥୀଙ୍କ କୌଣସି ପ୍ରକାର ସୂଚନା ମିଳି ପାରି ନଥିଲା। ନିଖୋଜଙ୍କ ମଧ୍ୟରେ ଥିବା ଓଡିଆ ଯୁବତୀଙ୍କ ସୂଚନା ମିଳିଛି। ନେପାଳରେ ବାରିପଦା ଝିଅ କୁଲସୁମ ନିଗାର ସୁରକ୍ଷିତ ରହିଛନ୍ତି। ସେହିପରି ପୁରୀ ଜିଲ୍ଲାର ବାସିନ୍ଦା ରାକେଶ କୁମାର ପଣ୍ଡା ଅନ୍ୟ ଦୁଇଜଣଙ୍କ ସହ ନେପାଳ ଯାଇଥିଲେ। ରାକେଶଙ୍କ ସମେତ ତାଙ୍କ ସହ ଥିବା ଦୁଇ ଯାତ୍ରୀ ସୁରକ୍ଷିତ



ଅଛନ୍ତି। ସମସ୍ତେ ରକ୍ସୌଲ୍ ସୀମା ଚେକ୍ ପୋଷ୍ଟ ଅତିକ୍ରମ କରି ଭାରତ ଫେରୁଥିବା ସୂଚନା ମିଳିଛି। ଏହି କ୍ରମରେ ଓଡ଼ିଶାର ୬ ଜଣ ଫୁଟବଲ୍ ଖେଳାଳିଙ୍କ ଏକ ଦଳ, କୋଚ୍ ହଲିମଙ୍କ ସହ ନେପାଳର ପୋଖରାଠାରେ ଏକ ଫୁଟବଲ୍ ମ୍ୟାଚ୍ ଖେଳିବା ପାଇଁ ଯାଇଥିଲେ। କୋଚ୍‌ଙ୍କ ସୂଚନା ଅନୁଯାୟୀ, ସମସ୍ତେ ସୁରକ୍ଷିତ ଅଛନ୍ତି। ମାନସରୋବର ଯାତ୍ରା ପାଇଁ ବ୍ୟବହୃତ ମୁଖ୍ୟ ମାର୍ଗଟି ପ୍ରଭାବିତ ହୋଇଥିବାରୁ ନିଖୋଜ ଭାରତୀୟଙ୍କ ମଧ୍ୟରେ ଅଧିକାଂଶ ଶ୍ରଦ୍ଧାଳୁ ରହିଛନ୍ତି। ସେମାନଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ନେପାଳ ସରକାର ନିରନ୍ତର ଉଦ୍ୟମ ଚଳାଇଛନ୍ତି।

## ଗୋଲାବନ୍ଧ ବିସ୍ଥାପିତଙ୍କ ପାଇଁ ୭୫.୬୦ କୋଟିର ପ୍ୟାକେଜ୍

ଭୁବନେଶ୍ୱର, ୨୭।୮(ମହାଭାରତ): ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଲାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କୁ ମିଳିଛି ବଡ଼ ଆଶ୍ୱାସନା। ଗଞ୍ଜାମଜିଲ୍ଲା ଗୋଲାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଲାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ (ଆର୍‌ଆଣ୍ଡ୍‌ଆର୍) ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହାସହିତ ଛେଲିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି।



କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି,, ଗୋଲାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ବିସ୍ଥାପିତ ଅଣଦେଖା ହୋଇ ରହିଥିଲେ। ବିଗତ ୨୪ ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ ନୋଳିଆ ପରିବାରଙ୍କ ସ୍ୱରକୁ ଚାପି ରଖିଥିବା ବେଳେ, 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି।

ସୂଚନା ଯୋଗ୍ୟଯେ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଉଇଞ୍ଜ ମାଧ୍ୟମରେ ପ୍ରଦାନ କରାଯାଉଛି। ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଟଙ୍କା ଆବଣ୍ଟନ କରାଯାଇଛି, ଯେଉଁଥିରେ ୯୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କୀର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି।ସେହିପରି ଛେଲିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶୀଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଲିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଆର୍ଯ୍ୟପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ଷୁଦ୍ର-ଅଣୁ-ମଧ୍ୟମ ଶିଳ୍ପ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ସାଂସଦ ଡ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢୀ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଗୋଲାବନ୍ଧର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ଭାବବିହ୍ୱଳ ପରିବେଶ ମଧ୍ୟରେ ସ୍ୱାଗତ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ନିଜ ହାତରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ।

## ଭୁବନେଶ୍ୱର ଡିସିପିଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର ୨୭।୮(ମହାଭାରତ): ଭୁବନେଶ୍ୱର ପୋଲିସ ଉପଆୟୁକ୍ତ ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ମୀନାଙ୍କ ଇସ୍ତଫାକୁ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ଅନ୍ତିମ ମୋହର ପାଇଁ ପଠାଇ ଦେଇଛନ୍ତି ।

୨୦୧୩ ବ୍ୟାଚ, ଆଇପିଏସ୍ ମୀନା ବ୍ୟକ୍ତିଗତ କାରଣ ଦର୍ଶାଇ ଗତ ଜୁନ ମାସରେ ସେ ଚାକିରୀରୁ ଇସ୍ତଫା ଦେଇଥିଲେ । ସେବେଠାରୁ ଗୃହ ବିଭାଗ ନିକଟରେ ତାଙ୍କର ଇସ୍ତଫା ପତ୍ର ରହିଥିଲା । ଶେଷରେ ଗୃହ ବିଭାଗ ଇସ୍ତଫାକୁ ଗ୍ରହଣ କରି କେନ୍ଦ୍ରକୁ ପଠାଇ ଦେଇଛି ।

ଆଇପିଏସ୍ ଜଗମୋହନ ମୀନା ଜଣେ ଦକ୍ଷ ଆଇପିଏସ୍ ଅଧିକାରୀଭାବେ ବେଶ ପରିଚିତ । ଆଉ ମାତ୍ର ୬ ମାସ ପରେ ସେ ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇଥାଆନ୍ତେ । ମାତ୍ର ଏହା ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି । ସେ ଦୈତନଗର କଟକ ଓ ଭୁବନେଶ୍ୱର ସହିତ ଚାରୋଟି ଜିଲ୍ଲା ମାଲକାନଗିରି, ଅନୁଗୋଳ ଓ ଗଞ୍ଜାମ ଜିଲ୍ଲାର ଆରକ୍ଷୀ ଅଧିକ୍ଷକଭାବେ ସଫଳତାର ସହିତ କାର୍ଯ୍ୟ କରିସାରିଛନ୍ତି । ଏହା ସହିତ କେସିଙ୍ଗା ଏସଡିପିଓଭାବେ କାର୍ଯ୍ୟ କରିଛନ୍ତି । ସେ ଆଇପିଏସ୍ ପାଇବା ପରେ ପ୍ରଥମେ ଗଞ୍ଜାମ ଜିଲ୍ଲାରେ ଟ୍ରେନି ଅଧିକାରୀଭାବେ ଯୋଗ ଦେଇଥିଲେ । ତାଙ୍କ କାର୍ଯ୍ୟ ଦକ୍ଷତା ଦେଖି ରାଜ୍ୟ ସରକାର ତାଙ୍କ କମିଶନରେଟ୍ ପୋଲିସରେ ନିଯୁକ୍ତି ଦେଇଥିଲେ । ସେ ୧ ଅକ୍ଟୋବର, ୨୦୨୪ରେ କଟକ ଡିସିପି ଭାବେ ଯୋଗ ଦେଇଥିଲେ । ଏହାପରେ ୨୦୨୫, ଫେବୃଆରୀରେ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ନୂତନ ନିଯୁକ୍ତି ଦିଆଯାଇଥିଲା । ସେ ପିନାକ ମିଶ୍ରଙ୍କଠାରୁ ମାର୍ଚ୍ଚ ୫, ୨୦୨୫ ରେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ୩୫ ଟଙ୍କାରେ ପିଆଜ ବିକିଲା କେନ୍ଦ୍ର

ନୂଆଦିଲ୍ଲୀ୨୭।୮(ମହାଭାରତ):: ବଜାରରେ ପିଆଜ ଦର ବଢ଼ିବା ପରେ କେନ୍ଦ୍ର ସରକାର ଗ୍ରାହକଙ୍କୁ ଆଜିଠାରୁ କିଲୋଗ୍ରାମ ପିଛା ୩୫ ଟଙ୍କାରେ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ବଫର୍ ଷ୍ଟକ୍‌ରୁ ପିଆଜ କାଢ଼ାଯାଇ ଦିଲ୍ଲୀ ଗ୍ରାହକଙ୍କୁ ଏହା ବିକ୍ରି କରାଯାଇଛି। ବଜାର ଦର କିଲୋପିଛା ୬୨ ଟଙ୍କା ରହିଛି। ଏହି ଦରଠାରୁ ୪୪ ପ୍ରତିଶତ କମ୍‌ରେ ଗ୍ରାହକଙ୍କୁ ସରକାର ପିଆଜ ଯୋଗାଇ ଦେଇଛନ୍ତି। ନିକଟରେ କେନ୍ଦ୍ର ଖାଉଟି ବ୍ୟାପାର ସଚିବ ନିଧି ଖାରେ କହିଥିଲେ କଳାବଜାର, ମହଜୁଦ ଏବଂ ଲାଭଖୋର ମନୋବୃତ୍ତି ଯୋଗୁ ପିଆଜ ଦର ଏବେ ଦେଶରେ ବଢ଼ିଛି। ତେବେ ପାର୍ବଣରେ ଚାହିଦା ମେଣ୍ଟାଇବା ପାଇଁ ଦେଶରେ ପର୍ଯ୍ୟାପ୍ତ ପିଆଜ ରହିଛି ବୋଲି ସେ ମତ ଦେଇଥିଲେ। କେନ୍ଦ୍ର ସରକାର ନାଫେଡ, ଏନ୍‌ସିସିଏଫ୍ ଓ କେନ୍ଦ୍ରୀୟ ଭଣ୍ଡାର ଭଳି ୩ଟି ଏଜେନ୍ସି ଜରିଆରେ ପିଆଜ ବିକ୍ରି କରିବେ। ମଦର ଡାଏରି ମଧ ଏହାର ସଫଳ ଷ୍ଟୋର ଜରିଆରେ ପିଆଜ ବିକ୍ରି କରୁଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତକାଲି କୁହାଯାଇଥିଲା ଯେ ଆଗାମୀ ମାସଗୁଡିକରେ ଚାହିଦା ମେଣ୍ଟାଇବା ପାଇଁଦେଶରେ ଯଥେଷ୍ଟ ପିଆଜ ଉପଲବ୍ଧ ରହିଛି। ୨୦୨୫-୨୬ରେ ଦେଶରେ ୩୦୭.୩୭ ଲକ୍ଷ ଟନ୍ ପିଆଜ ଉତ୍ପାଦନ ହେବା ନେଇ ଆକଳନ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ସାମାନ୍ୟ କମ୍।

## ଖୁରାନିଆଙ୍କୁ ହାଇକୋର୍ଟରୁ ନୋଟିସ୍

କଟକ,୨୭।୮(ମହାଭାରତ):ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ମାନ୍ୟବର ଉଚ୍ଚ ଅଦାଲତ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ନ କରିବା ଓ ଅଦାଲତ ଅବମାନନା ମାମଲାରେ ବିଭ୍ରାନ୍ତିମୂଳକ ସତ୍ୟପାଠ ଦାଖଲ ଦେବା ଅଭିଯୋଗରେ ନୋଟିସ୍ ହୋଇଛି । ୨୦୨୫, ସେପ୍ଟେମ୍ବର ୨୫ର ଆଦେଶର ଜାଣିଶୁଣି ଉଲ୍ଲଂଘନ ପାଇଁ କାହିଁକି ତାଙ୍କ ବିରୋଧରେ ଅଦାଲତ ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଉତ୍ତର ରଖିବାକୁ ହାଇକୋର୍ଟ ନୋଟିସ୍ ରେ କହିଛନ୍ତି । ସପ୍ତାହ ମଧ୍ୟରେ ନୋଟିସର ଜବାବ ରଖିବାକୁ ଅଦାଲତ ମହଲତ ଦେଇଛନ୍ତି ।

## ୨୯ରୁ ଉଜବେକିସ୍ତାନ-କିର୍ଗିଜସ୍ତାନ ଗସ୍ତରେ ପିଏମ୍ ମୋଦୀ

ନୂଆଦିଲ୍ଲୀ, ୨୭।୮(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାରଠାରୁ ଉଜବେକିସ୍ତାନ ଏବଂ କିର୍ଗିଜସ୍ତାନର ୪ ଦିନିଆ ଗସ୍ତରେ ଯିବେ। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉଜବେକିସ୍ତାନ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବା ଏବଂ ସାଂଘାଇ ସହଯୋଗ ସଂଗଠନର ବାର୍ଷିକ ଶିଖର ସମ୍ମିଳନୀରେ ସାମିଲ ହେବା। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଗସ୍ତର ପ୍ରଥମ ପର୍ଯ୍ୟାୟରେ ପିଏମ୍ ମୋଦୀ ଅଗଷ୍ଟ ୨୯ରୁ ୩୦ ପର୍ଯ୍ୟନ୍ତ ଉଜବେକିସ୍ତାନ ଗସ୍ତ କରିବେ। ଏହି ସମୟରେ ସେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ କରିବା ନେଇ ଆଲୋଚନା କରିବେ।ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଉଜବେକିସ୍ତାନ ରାଷ୍ଟ୍ରପତି ଶାବକତ ମିର୍ଜିୟୋୟେଭଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ଅଗଷ୍ଟ ୨୯-୩୦ରେ ତାସକେନ୍ଦର ରାଜକୀୟ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଏହା ଉଜବେକିସ୍ତାନକୁ ଚତୁର୍ଥ ଗସ୍ତ ହେବ। ଏହି ସମୟରେ ପିଏମ୍ ମୋଦୀ ତାସକେନ୍ଦସ୍ଥିତ ଶାସ୍ତ୍ରୀ ସ୍ମାରକୀ ଏବଂ ତାସକେନ୍ଦ ଷ୍ଟେଟ୍ ୟୁନିଭରସିଟି ଅଫ୍ ଓରିଏଣ୍ଟାଲ୍ ଷ୍ଟଡିଜ୍‌ରେ ଥିବା ମହାତ୍ମା ଗାନ୍ଧୀ କେନ୍ଦ୍ର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

## ଆଳୁରେ ଓଡିଶା ସ୍ୱାବଲମ୍ବୀ କେବେ ?

ଭୁବନେଶ୍ୱର, ୨୭।୮(ମହାଭାରତ): ଓଡିଶା ପାଇଁ ବର୍ଷକୁ ପ୍ରାୟ ୧୪ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଦରକାର ପଡୁଥିବାବେଳେ ବର୍ଷରେ ଉତ୍ପାଦନ ପରିମାଣ ଅତି ବେଶିରେ ୪ଲକ୍ଷ ମେଟ୍ରିକ୍ ଟନ ପର୍ଯ୍ୟନ୍ତ ହେଉଛି । ଯେତିକିରେ ଆଳୁ ରାଜ୍ୟରେ ଉତ୍ପାଦିତ ହେଉଛି ତା'ର ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ନାମମାତ୍ର ଦରରେ ଉତ୍ପାଦନ ବେଳେ ଚାଷୀଙ୍କଠାରୁ ଆଳୁ କିଣିନେଇ ନିଜ ନିଜ ଅଞ୍ଚଳର ଶୀତଳ ଭଣ୍ଡାରଗୁଡିକରେ ସଂରକ୍ଷିତ ରଖି ପରବର୍ତ୍ତୀ ସମୟରେ ୫ରୁ ୧୦ ଗୁଣା ଦରରେ ଓଡିଶା ବଜାରରେ ବିକୁଛନ୍ତି ।



ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡିଶାକୁ ସ୍ୱାବଲମ୍ବୀ କରିବା ପାଇଁ ଗୋଟିଏ ସମୟରେ ରାଜ୍ୟ ସରକାର କେନ୍ଦ୍ରୀୟ ସହଯୋଗ ନେଇ ଆଳୁ ମିଶନ ଆରମ୍ଭ କରିଥିଲେ । ଆଳୁ ମିଶନ ନାମରେ କୋଟିକୋଟି ଟଙ୍କା ଚାଷୀଙ୍କୁ ସବ୍‌ସିଡି ଆକାରରେ ବଣ୍ଟା ଚାଲିଲା । କିନ୍ତୁ ବାସ୍ତବରେ ଯେତେ ଜମିରେ ଆଳୁ ଚାଷ ହେଉଛି ବୋଲି ଦର୍ଶାଇ ଏହି ଅର୍ଥ ବଣ୍ଟାଗଲା ପ୍ରକୃତରେ କିନ୍ତୁ ତାହା ନହେବାରୁ ଆଳୁ ମିଶନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ । ଯଦି ଆଳୁ ମିଶନର ଲକ୍ଷ୍ୟ ପୂରଣ ହୋଇଥାନ୍ତା ତେବେ ଏତେବେଳକୁ ଓଡିଶା ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇ ବିପୁଳ ପରିମାଣର ଆଳୁ ଅନ୍ୟ ରାଜ୍ୟକୁ ରପ୍ତାନୀ କରୁଥାନ୍ତା ।

ଓଡିଶାରେ ୩୦ବର୍ଷ ତଳେ ଯେତେ ଆଳୁ ଚାଷ ହେଉଥିଲା ଏବେ ତାହା ଦେଖିବାକୁ ମିଳୁନାହିଁ । ଏହାର ମୁଖ୍ୟ କାରଣ ହେଉଛି- ଶୀତଳ ଭଣ୍ଡାରର ଅଭାବ । ରାଜ୍ୟରେ ଥିବା ଶୀତଳ ଭଣ୍ଡାରଗୁଡିକ ମଧ୍ୟରୁ ଅଧିକାଂଶ ବନ୍ଦ ହୋଇ ପଡିଛି । ଘରୋଇ ଓ ଅନ୍ୟ ପ୍ରକ୍ରିୟାରେ ସମବାୟ ଶୀତଳ ଭଣ୍ଡାରଗୁଡିକୁ ପୁନରୁଦ୍ଧାର କରିବା ପାଇଁ ବାରମ୍ବାର ଘୋଷଣା କରାଯାଉଥିଲେ ମଧ ତାହା ସଫଳ ହୋଇନାହିଁ । ୨୦୨୪ ନିର୍ବାଚନରେ ବିଜେପିର ସଂକଳ୍ପ ପତ୍ରରେ ଶୀତଳ ଭଣ୍ଡାର ବିଷୟ ଗୁରୁତ୍ୱର ସହ ଉଲ୍ଲେଖ କରାଯାଇଥିବାବେଳେ ରାଜ୍ୟରେ ୫୮ଟି ସବ୍‌ଡିଭିଜନ୍‌ରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ନିମନ୍ତେ ଘରୋଇ ଉଦ୍‌ଯୋଗୀଙ୍କୁ ଗୋ-ସୁଗମ ପୋର୍ଟାଲ ମାଧ୍ୟମରେ ଗତ ଏପ୍ରିଲ ସୁଦ୍ଧା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି କ୍ରମରେ ୧୪ଜଣ ଉଦ୍‌ଯୋଗୀ ୩୫,୭୮୫ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ନୂଆ ଶୀତଳ ଭଣ୍ଡାର ପାଇଁ ଅନୁମତି ପାଇଥିଲେ ମଧ ଏଯାବତ ଏଥିରୁ ଗୋଟିଏ ହେଲେ କାର୍ଯ୍ୟକ୍ଷମ ହୋଇନାହିଁ। ଚାଷୀ ନେତାମାନେ କହୁଛନ୍ତି ଯେ ଚାଷୀଙ୍କୁ ଉନ୍ନତ କିସମର ଆଳୁ ବିହନ ଠିକଣା ସମୟରେ ଯୋଗାଯାଇପାରୁ ନାହିଁ । ଏହାଛଡା ଆଳୁ ଚାଷ ପାଇଁ ଆବଶ୍ୟକ ପଡୁଥିବା ରାସାୟନିକ ସାର ବି ଠିକଣା ସମୟରେ ମିଳୁନାହିଁ । ବ୍ୟୟବହୁଳ ଆଳୁ ଚାଷ ପାଇଁ ଅନେକ କ୍ଷେତ୍ରରେ ଚାଷୀମାନେ ସମବାୟ ସମିତି, ବ୍ୟାଙ୍କ ଓ ବେସରକାରୀ ବ୍ୟକ୍ତିବିଶେଷଙ୍କଠାରୁ ଋଣ ଆଣୁଛନ୍ତି । ତେବେ ସେମାନଙ୍କ ଉତ୍ପାଦିତ ଆଳୁ ସଂରକ୍ଷିତ ହୋଇପାରୁନଥିବା ଯୋଗୁ ପଚିଯିବା ଭୟରେ ଅନ୍ୟ ରାଜ୍ୟର ବ୍ୟବସାୟୀମାନଙ୍କୁ ନାମମାତ୍ର ଦରରେ ଯାଚିଗୁଞ୍ଜି ବିକୁଛନ୍ତି । ଏଥିଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବାରୁ ଆଳୁ ଚାଷ ପାଇଁ ଅନେକ ଆଗ୍ରହ ପ୍ରକାଶ ନକରିବା ସ୍ୱାଭାବିକ ।

ଓଡିଶାର ଜଳବାୟୁ, ମାଟି ଓ ଅନ୍ୟାନ୍ୟ ପ୍ରାକୃତିକ ଭିତ୍ତିଭୂମି ଆଳୁ ଚାଷ ପାଇଁ ଢେର ଉପଯୋଗୀ । କିନ୍ତୁ ଏହାର ଠିକଣା ବିନିଯୋଗ କରାଯାଇପାରୁନଥିବାରୁ ଓଡିଶା ବାର୍ଷିକ ୧୦ଲକ୍ଷରୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଆଳୁ ଅନ୍ୟ ରାଜ୍ୟରୁ ଆଣୁଛି । ବିଶେଷକରି ପଶ୍ଚିମବଙ୍ଗରୁ ଆଳୁ ନଆସିଲେ ଏଠି ଆଳୁ ଦର ବୁଢ଼ି । ସ୍ୱାଭିମାନୀ, ସ୍ୱାବଲମ୍ବୀ ହେବା ସହ ଲୋକେ ଅସ୍ମିତା ପ୍ରତି ସଚେତନ ହେବା ଲାଗି ବାରମ୍ବାର ପ୍ରଚାର କରାଯାଉଥିବାବେଳେ ବାସ୍ତବରେ କିନ୍ତୁ କେମ୍ ପରିମାଣର ଆଳୁ ଉତ୍ପାଦନ ଏ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି ।

## କଙ୍କଡ଼ା ଗୋଡ଼ ମସଲା

**ଆବଶ୍ୟକ ସାମଗ୍ରୀ:**କଙ୍କଡ଼ା, ନଡ଼ିଆ କୋରା, ପିଆଜ, ଅଦା, ରସୁଣ, ପୋସ୍ତ, ଜୀରା, ଲବଙ୍ଗ, ଡାଲଗିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ର, ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ, ତେଲ, ଧନିଆଁପତ୍ର, କଞ୍ଚାଲଙ୍କା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ସଫା କରି ତାର ଛୋଟ ଗୋଡ଼କୁ କାଟି ଛାଣି ରଖନ୍ତୁ। କଙ୍କଡ଼ାରେ ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ ପକାଇ ମ୍ୟାରିନେଟ୍ କରି ରଖନ୍ତୁ। ନଡ଼ିଆ କୋରା, ପିଆଜ, ପୋସ୍ତ, ଜୀରା, ଲବଙ୍ଗ, ଡାଲଗିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ରକୁ ଭାଜି ବାଟି ରଖନ୍ତୁ। କରେଇରେ ତେଲ ଗରମ କରି ଗୋଟା ମସଲା ଓ ପିଆଜ କଟା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆପତ୍ର, ଟମାଟୋ, କଞ୍ଚାଲଙ୍କା, ଅଦାରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ଅଳ୍ପ କଷି ହେବା ପରେ ପ୍ରସ୍ତୁତ ଥିବା ଗୋଟା ମସଲାବଟା ଓ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏହାପରେ ମ୍ୟାରିନେଟ୍ କଙ୍କଡ଼ାକୁ ପକାଇ ଗୋଳାଇ ଘୋଷଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣୀ ବାହାର କରି ପ୍ରସ୍ତୁତ କଙ୍କଡ଼ା ଗୋଡ଼କୁ ପକାଇ ଗୋଳାନ୍ତୁ ଓ ଅଳ୍ପ ପାଣି ଦେଇ ଘୋଡ଼ଣି ଘୋଡ଼ାଇ ଦିଅନ୍ତୁ। ୨ରୁ ୫ ମିନିଟ୍ ପରେ ଘୋଡ଼ଣୀ ବାହାର କରି ଧନିଆଁପତ୍ର ଓ କଞ୍ଚାଲଙ୍କା ପକାଇ ଚୁଲିରୁ ଓହ୍ଲାନ୍ତୁ।



**ଖବର**


# କାଳୀ ସାଜିବାକୁ ଦୁଇ ବର୍ଷର ପ୍ରଶିକ୍ଷଣ



ନିକଟରେ ପୌରାଣିକ ଆକ୍ସନ୍ ଚଳଚ୍ଚିତ୍ର 'ମହାକାଳୀ'ର ଟିଜର୍ ମୁକ୍ତିଲାଭ କରିଛି। ଏଥିରେ ଶୁକ୍ରାଚାର୍ଯ୍ୟ ଭୂମିକାରେ ଅକ୍ଷୟ ଖାନ୍ନାଙ୍କ ଅବତାର ସବୁଠାରୁ ଅଧିକ ଚର୍ଚ୍ଚିତ ହୋଇଥିବାବେଳେ କାଳୀଙ୍କ ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ଶ୍ରୀୟା ରେଡ୍ଡୀଙ୍କୁ ନେଇ ମଧ ଦର୍ଶକଙ୍କ ମନରେ କୌତୂହଳ ସୃଷ୍ଟି ହେଉଛି। ସେ ପୂର୍ବରୁ ବିଭିନ୍ନ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ଅଭିନୟ କରି ଆଞ୍ଚଳିକ ସ୍ତରରେ ପ୍ରଶଂସିତ ହୋଇଛନ୍ତି। 'ସାଲାର୍' ଓ 'ଓଜି' ଭଳି ଚଳଚ୍ଚିତ୍ରରେ ସେ ସ୍ମରଣୀୟ ଅଭିନୟ କରିଥିଲେ। ଏଥର ଦେବୀ କାଳୀଙ୍କ ଚରିତ୍ର ଜରିଆରେ ସର୍ବଭାରତୀୟ ଲୋକପ୍ରିୟତା ସାଉଁଟିବା ଲାଗି ସେ ସ ଜ ବ । ଜ ହେଉଛନ୍ତି ।ମହାକାଳୀ' ଚଳଚ୍ଚିତ୍ରରେ ତାଙ୍କୁ ବିଭିନ୍ନ ଆକ୍ସନ୍ ଦୃଶ୍ୟରେ ଅଭିନୟ କରିବାକୁ ଥିବାରୁ ଏଥିପାଇଁ ସେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ନେଇଛନ୍ତି। ସେ ଦୁଇ ବର୍ଷ ଧରି ଚେନ୍ନାଇର ପ୍ରଶିକ୍ଷକ ଅକ୍ଷୟ ଶେଖରଙ୍କ ତତ୍ତ୍ୱାବଧାନରେ କାଲରିପୟାଟ୍ଟୁ ନାମକ ପାରମ୍ପରିକ ସମରକଳା ଅଭ୍ୟାସ କରି ନିଜର ଶକ୍ତି ଓ ଶାରୀରିକ ଦକ୍ଷତା ବଢ଼ାଇଛନ୍ତି। ୪୮ ବର୍ଷୀୟ ଶ୍ରୀୟା କାଳୀ ରୂପରେ ସମସ୍ତଙ୍କୁ ଚମକାଇବାକୁ ଯାଉଛନ୍ତି ବୋଲି ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ସୂତ୍ରରୁ ଜଣାପଡ଼ିଛି। ଅକ୍ଷୟ ଖାନ୍ନା ଅଭିନୀତ ଶୁକ୍ରାଚାର୍ଯ୍ୟ ସହିତ ଶ୍ରୀୟା ରେଡ୍ଡୀ ଅଭିନୀତ କାଳୀଙ୍କ ମଧ୍ୟରେ ସଂଘର୍ଷର ପୃଷ୍ଠଭୂମି ଖୁବ୍ ରୋଚକ ହେବ ବୋଲି ଆଶା କରାଯାଉଛି। ପ୍ରଶାନ୍ତ ବର୍ମାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଆସନ୍ତା ବର୍ଷ ଜାନୁଆରି ୮ ତାରିଖରେ ମୁକ୍ତିଲାଭ କରିବ।

## ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୂର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପତ୍ତନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୂର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



## ଚର୍ମ ପାଇଁ ଲାଭଦାୟକ ଟମାଟୋ

ଦୈନିକ ବ୍ୟସ୍ତଭରା ଜୀବନ ଏବଂ ଉପଯୁକ୍ତ ଖାଦ୍ୟର ଅଭାବ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଖରାପ ଜୀବନଶୈଳୀ କାରଣରୁ ସ୍କିନ୍ ଡଲନେସ୍ ସମେତ ଆହୁରି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ପ୍ରତିଦିନର ଧୂଳି-ମାଟି ଆମ ସ୍କିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ଏହି କାରଣରୁ, ସ୍କିନ୍ ସମ୍ବନ୍ଧୀୟ ସମସ୍ୟା ପ୍ରତିଦିନ ଦେଖିବାକୁ ମିଳିଥାଏ। ସ୍କିନ୍ ଡଲନେସ୍, ଟ୍ୟାନିଂ, ପିମ୍ପଲ୍, ଡ୍ରାଏନେସ୍ ଇତ୍ୟାଦି ସମସ୍ୟା ପ୍ରତିଦିନ ଦେଖାଯାଏ। ଏହି ସମସ୍ୟାଗୁଡ଼ିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଟମାଟୋ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ। ଚାଲନ୍ତୁ ଜାଣିବା ସ୍କିନ୍ ପାଇଁ ଟମାଟୋର ବ୍ୟବହାର ଏବଂ ତାହାର ଉପକାରିତା

୧. ଟମାଟୋକୁ ଗ୍ରାଇଣ୍ଡ୍ କରି ତାହାର ପେଷ୍ଟ ଲଗାଇବା ଦ୍ୱାରା ଚେହେରାର ଚମକ ବୃଦ୍ଧି ପାଇଥାଏ। ପିମ୍ପଲ୍, ଦାଗ ଏବଂ ଅନ୍ୟାନ୍ୟ ମୁଖ ଜନିତ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ ।

୨. ୨୦୦ ଗ୍ରାମ୍ ଟମାଟୋକୁ ହଳଦୀ ରସ ସହ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସମୟ ସମୟରେ ଏହି ମିଶ୍ରଣ ପିଇବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ।

୩. ଟମାଟୋକୁ ପେଷ୍ଟ କରି ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାଇ ମୁହଁରେ ୫ମିନିଟ୍ ଲଗାଇଲେ ବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ।



୪. ଟମାଟୋକୁ ମଝିରୁ କାଟି ଏକ ଖଣ୍ଡରେ ମୁହଁକୁ ମାଲିସ୍ କରନ୍ତୁ ଏବଂ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏହା କରିବା ଦ୍ୱାରା ମୁଖ ବ୍ରଣ ସମସ୍ୟା ଦୂର ହୋଇଥାଏ।

# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ବର୍ବରିକ୍



ଧର୍ମ ଓ ଅଧର୍ମ ମଧ୍ୟରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ। ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚୋଙ୍କ ପୁଅ ବର୍ବରିକ୍ ।ସେ ଦିବ୍ୟଶକ୍ତି ହାସଲ କରିଥିଲେ। ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ ଥିଲା ଯବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା ଯେ ଯଦି ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ ।ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ ।ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ ।ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ ।ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ ।କିନ୍ତୁ ବର୍ବରିକ୍ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ। କଳିଯୁଗରେ ବର୍ବରିକ୍ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ। ଆଉ ବର୍ବରିକଙ୍କର ବର୍ତ୍ତମାନ ଖଟୁଶ୍ୟାମ ଭାବେ ପୂଜା ପାଉଛନ୍ତି।



## ପୂଜାରେ ପତ୍ରର ଗୁରୁତ୍ୱ

ପର୍ବପର୍ବାଣି ସମୟରେ ଏବଂ ସାଧାରଣ ପୂଜା ବେଳେ ଫୁଲ ଏବଂ ପତ୍ରର ଆବଶ୍ୟକତା ପଡ଼ିଥାଏ। ସାଧାରଣ ପୂଜା ପ୍ରସଙ୍ଗରେ ମଧ କଳସର ସ୍ଥାପନା କରାଯାଇଥାଏ । ପୂଜା ବେଳେ



କଳସ ଉପରେ ଆମ୍ବ ପତ୍ର ରଖାଯାଇଥାଏ। ମଣ୍ଡପ ଆଦିର ସଜାଇବା ସମୟରେ ଆମ୍ବ ପତ୍ର, ପଳାସ, ଜାମୁ, ବାଉଁଶ ଆଦି ପତ୍ରର ପ୍ରୟୋଗ କରାଯାଇଥାଏ। ସେହିପରି ବ୍ରତ-ଉତ୍ସବରେ, ଶିବ-ପାର୍ବତୀଙ୍କ ପୂଜା ସମୟରେ, ଏକାଦଶୀ ଏବଂ ପୂର୍ଣ୍ଣିମାର ପୂଜା ସମୟରେ, ପୂଜାପାଠ କରିବା ସମୟରେ ମଧ ବେଲପତ୍ର, ଦୁବୁରା ତଥା ମନ୍ଦାର ପତ୍ର ବ୍ୟବହାର କରାଯାଏ। ପୂଜା-ପାଠରେ ପତ୍ରର ପ୍ରୟୋଗ ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ। ବାହାରୁ ଆସୁଥିବା ବାୟୁ ଯେତେବେଳେ ଏହି ପତ୍ରକୁ ସ୍ପର୍ଶ କରି ଘରେ ପ୍ରବେଶ କରିଥାଏ, ତାହା ବାତାବରଣରେ ସକାରାତ୍ମକ କଣିକା ଖେଳାଇ ଦେଇଥାଏ। ସକାରାତ୍ମକତା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆଣିଥାଏ। ବସନ୍ତ ଋତୁରେ ଗଛରୁ ଝଡ଼ୁଥିବା ପତ୍ର ମଧ ଉପଯୋଗୀ ହୋଇଥାଏ। ଏଗୁଡ଼ିକ ଭୂମି ଉପରେ ଖସିପଡ଼ି, ମାଟି-ପାଣିରେ ମିଶି ଖତ ଭଳି କାମ କରିଥାଏ। ଗଛ ବଢ଼ିବାରେ ପତ୍ର ସବୁଠୁ ଅଧିକ ସହାୟକ ହୋଇଥାଏ। ପତ୍ରଗୁଡ଼ିକ ଗଛ ପାଇଁ ଭୋଜନ ପ୍ରସ୍ତୁତ କରିଥାନ୍ତି। ସେଗୁଡ଼ିକ ସୂର୍ଯ୍ୟଙ୍କ ଆଲୋକକୁ ଶକ୍ତିରେ ପରିବର୍ତ୍ତନ କରିଥାନ୍ତି । ପତ୍ର ଅଙ୍ଗାରକାମ୍ଳ ବାଷ୍ପ ଶୋଷଣ କରି ଅମ୍ଳଜାନ ସଂଚରଣ କରିଥାନ୍ତି । ଦେବତାମାନଙ୍କୁ ଭୋଗ ଅର୍ପଣ କରିବା ସମୟରେ ମଧ ପତ୍ରର ଉପଯୋଗ କରାଯାଇଥାଏ। ନିମ୍ବ, ତୁଳସୀ ଆଦି ପତ୍ରର ଅନେକ ଔଷଧୀୟ ତଥା ଆଧ୍ୟାତ୍ମିକ ଗୁଣ ରହିଛି । ଏହି କାରଣରୁ ଏସବୁ ବୃକ୍ଷ ଘରେ ରଖାଯାଇ ପୂଜା କରାଯାଇଥାଏ। ପତ୍ର ପ୍ରାକୃତିକ ହୋଇଥିଲେ ହେଁ ଏହା ଧର୍ମ ସହିତ ଯୋଡ଼ି ହୋଇରହିଛି ।

# ଟ୍ୱିନ୍‌ସିଟିର ଜଳବନ୍ଦୀ ସମସ୍ୟା ନିୟନ୍ତ୍ରଣ କର

ଭୁବନେଶ୍ୱର, ୨୬।୮ (ମହାଭାରତ): ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ଉନ୍ନତି ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏବଂ କଟକ ମହାନଗର ନିଗମ (କେଏମସି)ରେ ସ୍ୱଚ୍ଛତା, ଡ୍ରେନେଜ୍ ଓ ସହରାଂଚଳ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ରାଜ୍ୟର ଦୁଇ ପ୍ରମୁଖ ସହରାଂଚଳ ପାଇଁ ଏକ ଲକ୍ଷ୍ୟ ନିର୍ଦ୍ଧାରଣ କରି ମନ୍ତ୍ରୀ ଜାତୀୟ ସ୍ୱଚ୍ଛତା ସର୍ବେକ୍ଷଣ ମାନ୍ୟତାରେ ଶୀର୍ଷ ସ୍ଥାନ ହାସଲ କରିବାକୁ ବିଏମସି ଓ କେଏମସିକୁ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ନିଜ ବର୍ଗରେ ଭୁବନେଶ୍ୱର ନବମ ସ୍ଥାନ ହାସଲ କରିଥିବା କଥା ଉଲ୍ଲେଖ କରି ସେ କହିଛନ୍ତି ଯେ, ଆଗାମୀ ଜାତୀୟ ସ୍ୱଚ୍ଛତା ମୂଲ୍ୟାୟନରେ ଭୁବନେଶ୍ୱର ଏବଂ କଟକ ଯେପରି ପ୍ରଥମ ସ୍ଥାନ ଅଧିକାର କରିବେ, ସେଥିପାଇଁ ଉଭୟ ପୌରସଂସ୍ଥା ମିଶନ ମୋଡ୍‌ରେ କାର୍ଯ୍ୟ କରିବା ସହ ନିଜ ପ୍ରୟାସକୁ ଦ୍ୱିଗୁଣିତ କରିବା ଉଚିତ। ପ୍ରବଳ ବର୍ଷା ସମୟରେ ଜଳବନ୍ଦୀ ଓ



ସହରାଂଚଳ ବନ୍ୟା ପରିସ୍ଥିତିର ସମୀକ୍ଷା କରି ଡ. ମହାପାତ୍ର ମେସିନ୍ ଦ୍ୱାରା ଡ୍ରେନ୍ ସଫେଇ ଏବଂ ନିୟମିତ ପଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ କେତେକ ସ୍ଥାନରେ ସଂକୀର୍ଣ୍ଣ ଡ୍ରେନ୍ ଏବଂ ୩ରୁ ୪ ଫୁଟ ପର୍ଯ୍ୟନ୍ତ ପଙ୍କ ଜମି ରହିଥିବା ଜଣାପଡ଼ିଥିବାରୁ, ବ୍ୟାପକ ଡ୍ରେନ୍ ସଫେଇ ପାଇଁ ଅତ୍ୟାଧୁନିକ ଯନ୍ତ୍ରାଂଶ ନିୟୋଜିତ କରିବାକୁ ଏବଂ ଜଳ ନିଷ୍କାସନ କ୍ଷମତା ବଜାୟ ରଖି ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ବଡ଼ ଡ୍ରେନ୍ ଗୁଡ଼ିକୁ ବର୍ଷକୁ ଅତି କମରେ ୩ ଥର ପଙ୍କମୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଯୁକ୍ତିବିଦ୍ୟା ଆଧାରିତ ବନ୍ୟା ମୁକାବିଲା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ କହିଛନ୍ତି ଯେ, ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅତ୍ୟାଧୁନିକ ଫ୍ଲଡ୍ ସେନ୍ସର ଲଗାଯାଇ ଏହାକୁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ସହ ସଂଯୋଗ କରାଯାଉ। ଏହି ବ୍ୟବସ୍ଥା ଦ୍ୱାରା ରିଅଲ୍-ଟାଇମ୍ ମନିଟରିଂ, ସମ୍ଭାବ୍ୟ ଜଳପ୍ଲାବନର ପୂର୍ବାନୁମାନ ଏବଂ ସମ୍ବେଦନଶୀଳ ଅଂଚଳକୁ ଠିକ୍ ସମୟରେ ସତର୍କ ସୂଚନା ମିଳିପାରିବ, ଯାହା ଫଳରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ କ୍ଷୟକ୍ଷତିକୁ ରୋକାଯାଇ ପାରିବ।

ବାରମ୍ବାର ଜଳବନ୍ଦୀ ଓ ପରିମଳ ସମସ୍ୟା ଉପୁଜୁଥିବା ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକର ମଧ୍ୟ ଡଃ ମହାପାତ୍ର ସମୀକ୍ଷା କରିଥିଲେ। ଇସ୍କନ ମନ୍ଦିର ନିକଟରେ ଚାଲିଥିବା ଡ୍ରେନେଜ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରି ସେଠାରେ ଲାଗି ରହୁଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବେହେରା ସାହିରେ ଡ୍ରେନେଜ୍ କାର୍ଯ୍ୟକୁ ଦ୍ରୁତ ଗତିରେ ଶେଷ କରିବା ଏବଂ ବିଏମସି ଅଧୀନରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରାସ୍ତା ସହିତ ଡ୍ରେନ୍ ଭିତିଭୂମିକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସୈନିକ ସ୍କୁଲ ଅଂଚଳ ସମେତ ଚିହ୍ନଟ ସ୍ଥାନଗୁଡ଼ିକରେ ବାରମ୍ବାର ଆବର୍ଜନା ଜମା ହେବା ଏବଂ ଦୁର୍ଗନ୍ଧ ସମସ୍ୟାର ସମାଧାନ ପାଇଁ ଅଭିନବ ତଥା ପ୍ରଯୁକ୍ତିବିଦ୍ୟା ଆଧାରିତ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛତା କାର୍ଯ୍ୟ କେବଳ ଦୈନନ୍ଦିନ ଝାଡୁ-ସଫେଇରେ ସୀମିତ ନ ରହି ଏକ ସ୍ୱଚ୍ଛ, ସୁସ୍ଥ ଓ ବାସୋପଯୋଗୀ ସହର ଗଠନ ପାଇଁ ଦୀର୍ଘସ୍ଥାୟୀ ତଥା ପ୍ରଯୁକ୍ତି-ଆଧାରିତ ସମାଧାନକୁ ଆପଣାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

# ତୁଷ୍ଟୀକରଣ ରାଜନୀତି କରୁଛି କଂଗ୍ରେସ

ଭୁବନେଶ୍ୱର, ୨୬।୮ (ମହାଭାରତ): 'ବନ୍ଦେ ମାତରମ୍'କୁ ନେଇ କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ସେ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସର କଥିତ ତୁଷ୍ଟୀକରଣ ରାଜନୀତି ପୁଣିଥରେ ସାମ୍ନାକୁ ଆସିଛି ଏବଂ ଏଥର ଦେଶର ରାଷ୍ଟ୍ରଗୌରବ 'ବନ୍ଦେ ମାତରମ୍'କୁ ଟାର୍ଗେଟ କରାଯାଇଛି। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସ୍ୱାଧୀନତା ଆନ୍ଦୋଳନ ସମୟରେ 'ବନ୍ଦେ ମାତରମ୍' ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟ ସ୍ୱାଭିମାନର ଭାବନାକୁ ଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। କଂଗ୍ରେସ କାର୍ଯ୍ୟସମିତିର 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ଗାନରୁ ପଛକୁ ହଟିବା ନେଇ ନିଷ୍ପତିକୁ ସେ ଦଳର ପୁରୁଣା ତୁଷ୍ଟୀକରଣ ରାଜନୀତିର ପୁନରାବୃତି ବୋଲି ଅଭିହିତ କରିଛନ୍ତି। ନିଜ ପୋଷ୍ଟରେ ୧୯୩୭ ମସିହାର ଘଟଣାକ୍ରମର ଉଲ୍ଲେଖ କରି ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ସେତେବେଳେ ମଧ୍ୟ କଂଗ୍ରେସ ଭୋଟ୍‌ବ୍ୟାଙ୍କର ଚାପରେ 'ବନ୍ଦେ ମାତରମ୍'ର ବ୍ୟବହାରକୁ ସୀମିତ କରିବାକୁ ନିଷ୍ପତି ନେଇଥିଲା। ତାଙ୍କ ଦାବି ଅନୁଯାୟୀ, ସେହି ସମୟର ତୁଷ୍ଟୀକରଣ ରାଜନୀତି ଦେଶର ଏକତାକୁ ଦୁର୍ବଳ କରୁଥିବା ଶକ୍ତିଗୁଡ଼ିକୁ ଶକ୍ତି ଯୋଗାଇଥିଲା ଏବଂ ଶେଷରେ ଦେଶକୁ ବିଭାଜନର ଭୟାବହ ବିଭୀଷିକାର ସମ୍ମୁଖୀନ ହେବାକୁ ପଡ଼ିଥିଲା। 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହାର ସମ୍ପୂର୍ଣ୍ଣ ଗାନକୁ ଆଇନଗତ ସୁରକ୍ଷା ଦେଇଥିବା ଉଲ୍ଲେଖ କରି ପ୍ରଧାନ କହିଛନ୍ତି ଯେ, ଏହାପରେ କଂଗ୍ରେସର ଆଭିମୁଖ୍ୟ ପୁଣିଥରେ ଚର୍ଚ୍ଚାକୁ ଆସିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ, ଇତିହାସର କଥିତ ଭୁଲରୁ ଶିକ୍ଷା ନେବା ପରିବର୍ତେ ତାହାକୁ ପୁନରାବୃତି କରିବାର ଚେଷ୍ଟା କଂଗ୍ରେସର ବିଚାରଧାରାତ୍ମକ ଦୁର୍ବଳତାକୁ ପ୍ରତିଫଳିତ କରୁଛି। ପ୍ରଧାନ କହିଛନ୍ତି ଯେ, ଦେଶର ଏକତା ଓ ଜାତୀୟ ସମ୍ମାନ ଯେକୌଣସି ଭୋଟ୍‌ବ୍ୟାଙ୍କ ରାଜନୀତିଠାରୁ ଉର୍ଦ୍ଧ୍ୱରେ। 'ବନ୍ଦେ ମାତରମ୍'ର ସମ୍ମାନ ସହ ଦେଶ କୌଣସି ପ୍ରକାରର ସାଲିସ କରିବ ନାହିଁ ବୋଲି ସେ କହିଛନ୍ତି।

# ଗାଜର ଘାସ ସଚେତନତା ସପ୍ତାହ ପାଳନ



ଭୁବନେଶ୍ୱର, ୨୬।୮ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଗାଜର ଘାସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଏହି ସଚେତନତା କାର୍ଯ୍ୟକ୍ରମ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରଣପଧାନ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ଶ୍ରୀ ସ୍ଥିତପ୍ରଜ୍ଞ ଖମାରି ଯୋଗଦାନ କରି ଗାଜର ଘାସର ସମସ୍ୟା ଓ ଭୟାବହତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଓ କ୍ଷେତ୍ର ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ଼କ୍ଟର ବାସୁଦେବ ବେହେରା ଗାଜର ଘାସର ନିରାକରଣ ଉପରେ ଆଲୋକପାତ କରିଥିଲେ। ଡ଼କ୍ଟର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼କ୍ଟର ଶୁଭପ୍ରଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶତାଧିକ ଚାଷୀଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ। ଡ଼କ୍ଟର ଅଂଶୁମାନ ଜେନାଙ୍କ ତତ୍ତ୍ୱାବଧାନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗାଜର ଘାସ ସଚେତନତା ପାଇଁ ଏକ ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା ଓ ଏହି ସଭାକୁ ସୋଆ କୃଷି ମହାବିଦ୍ୟାଳୟର କ୍ଷେତ୍ର ବିଜ୍ଞାନ ବିଭାଗ ଓ ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗ ମିଳିତ ଭାବରେ ପରିଚାଳନା କରିଥିଲେ।

# ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀସ୍ତରୀୟ ସମୀକ୍ଷା

ଭୁବନେଶ୍ୱର, ୨୬।୮ (ମହାଭାରତ): ଜଳ ସମ୍ପଦ କ୍ଷେତ୍ରରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବଜେଟର ଫଳପ୍ରଦ ବିନିଯୋଗ ଓ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇ ଜଳ ସମ୍ପଦ ବିଭାଗର ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାନ୍ୱୟନରେ ଥିବା, ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ଏବଂ ପ୍ରସ୍ତାବିତ କାର୍ଯ୍ୟ ସମେତ ପୁଞ୍ଜି ବ୍ୟୟ, ପ୍ରମୁଖ ଜଳସେଚନ, ନିଷ୍କାସନ, ଡ୍ୟାମ୍, ବ୍ୟାରେଜ୍ ଓ କେନାଲ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ସହ ବ୍ୟୟର ନିୟମିତ ନିରୀକ୍ଷଣ କରିବାକୁ ନିୟନ୍ତ୍ରଣକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଟେଣ୍ଡର ଚୂଡ଼ାନ୍ତକରଣ ଓ କାର୍ଯ୍ୟାଦେଶ ପ୍ରଦାନ, ବିଚାରାଧୀନ



ଅନୁମୋଦନ ଓ ଇଏଫସି ପ୍ରସ୍ତାବର ଶୀଘ୍ର ନିଷ୍ପତ୍ତି, ବାସ୍ତବସମ୍ମତ ବ୍ୟୟ ଆକଳନ ଏବଂ ଆର୍ଥିକ ବର୍ଷ ମଧ୍ୟରେ ବଜେଟର ପ୍ରଭାବଶାଳୀ ବିନିଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭାଗୀୟ ବ୍ୟୟ କେବଳ ଆର୍ଥିକ ଲକ୍ଷ୍ୟ ପୂରଣରେ ସୀମିତ ନରହି ଫଳାଫଳମୁଖୀ ହେବା ଆବଶ୍ୟକ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଲୁ ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ଜଳସେଚନ ସମ୍ଭାବନା ସୃଷ୍ଟି, ଜଳ ସମ୍ପଦ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପ୍ରକଳ୍ପର ଉଦ୍ଦିଷ୍ଟ ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା। ଉପଲବ୍ଧ ଆର୍ଥିକ ସମ୍ବଳର ସର୍ବୋତ୍ତମ ଓ ଉତ୍ପାଦନଶୀଳ ବିନିଯୋଗ ପାଇଁ ସମନ୍ୱିତ ପ୍ରୟାସ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା।

ବୈଠକରେ ପିଏମ୍ ଗତି ଶକ୍ତି ପୋର୍ଟାଲ ଉପରେ ଏକ ଉପସ୍ଥାପନା ଦିଆଯାଇଥିଲା। ଏହାପରେ ଜଳକର ଆଦାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବମିଷ ପୋର୍ଟାଲର ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା। ପିଏମ୍ ଗତି ଶକ୍ତି ପ୍ଲାଟଫର୍ମର ପ୍ରଭାବଶାଳୀ ବ୍ୟବହାର, ଜଳକର ଆଦାୟ ବୃଦ୍ଧି ଏବଂ ବମିଷ ପୋର୍ଟାଲର ଅଧିକ ଉନ୍ନତି ମାଧ୍ୟମରେ ବିଭାଗୀୟ କାର୍ଯ୍ୟର ଉତ୍ତମ ନିରୀକ୍ଷଣ ଓ ପରିଚାଳନା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏଥିସହ ଜାତୀୟ ଜଳ ପୁରସ୍କାର ପାଇଁ ଓଡ଼ିଶାର ନାମାଙ୍କନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଦିଲୀପ କୁମାର ରାଉତ, ପୁନଃସ୍ଥାପନ ଏବଂ ପୁନର୍ବାସ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ବେହେରାଙ୍କ ସମସ୍ତ ବରିଷ୍ଠ ଅଧିକାରୀ, ମୁଖ୍ୟ ଯନ୍ତ୍ରୀ ବୃନ୍ଦ, ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# କିଟ୍‌ରେ କଳିଙ୍ଗ ଗ୍ଲୋବାଲ୍ ଫଟୋଗ୍ରାଫି ଫେଷ୍ଟିଭାଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୮ (ମହାଭାରତ): ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ କିଟ୍ ସ୍କୁଲ୍ ଅଫ୍ ଫିଲ୍ମ ଆଣ୍ଡ ମିଡିଆ ସାଇନ୍ସ ପକ୍ଷରୁ କଳିଙ୍ଗ ଗ୍ଲୋବାଲ୍ ଫଟୋଗ୍ରାଫି ଫେଷ୍ଟିଭାଲ୍ ୨୦୨୬ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଛାତ୍ରଛାତ୍ରୀ ଓ ଯୁବ ଫଟୋଗ୍ରାଫରମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ସେ କହିଲେ, ଫଟୋଗ୍ରାଫି କେବଳ ଏକ କଳା ନୁହେଁ, ବରଂ ସମୟ ଓ ସ୍ମୃତିକୁ ସାଇତି ରଖିବାରେ ଏକ ଶକ୍ତିଶାଳୀ ମାଧ୍ୟମ। ସମୟକୁ କେହି ବାନ୍ଧି ରଖିପାରନ୍ତି ନାହିଁ, କିନ୍ତୁ ଫଟୋଗ୍ରାଫରମାନେ ନିଜ କ୍ୟାମେରା ମାଧ୍ୟମରେ ସମୟକୁ ସ୍ମୃତି କରି




ରଖିପାରନ୍ତି ବୋଲି ସେ କହିଥିଲେ। କିଟ୍ ଓ କିସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅବଦାନକୁ ପ୍ରଶଂସା କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ, ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରୟାସ ଓ ସଂଘର୍ଷ ଯୋଗୁଁ କିଟ୍ ଆଜି ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯୁବପିଢ଼ିଙ୍କୁ ସମ୍ବୋଧିତ କରି ସେ କହିଲେ, ବର୍ତ୍ତମାନ ହେଉଛି ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତାର ଯୁଗ। ଦେଶ ଓ ରାଜ୍ୟର ବିକାଶ ପାଇଁ ଯୁବଶକ୍ତିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିର ସଦୁପଯୋଗ କରିବାକୁ ହେବ। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ସ୍ୱପ୍ନ ସାକାର କରିବାରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କହିଲେ, ଆଜିର ଗୋଟିଏ ଫଟୋ କାଲିର ଇତିହାସ। ଶବ୍ଦଠୁ ଅଧିକ ବୁଝିପାରିଲା ଭଳି ଫଟୋ ଉତ୍ତୋଳନ ହେଉଛି ପ୍ରକୃତ ଫଟୋଗ୍ରାଫି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଠାରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ଭଲ ମଣିଷଭାବେ ଗଢ଼ି ତୋଳିବାର ଏକ ସୁନ୍ଦର ପ୍ରୟାସ କରିଛନ୍ତି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ମହାନିର୍ଦ୍ଦେଶକ ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ମିଡ଼ିଆ ସ୍କୁଲ, ଫେସନ ଟେକ୍ନୋଲୋଜି ଓ ଫିଲ୍ମ ସ୍କୁଲ ଡିନ୍ ଡ. ରାଜୀବ କୁମାର ପଣ୍ଡା, ମହୋତ୍ସବ ଆବାହକ ପ୍ରଫେସର ସୁଶାନ୍ତ ବାହିନୀପତିଙ୍କ ସମେତ ଅନେକ ଅଭିଜ୍ଞ ଫଟୋଗ୍ରାଫର, ଫିଲ୍ମ ନିର୍ମାତା, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ପୋଲିସ କର୍ମଚାରୀଙ୍କ ସୁସ୍ଥତା ଓ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୬।୮ (ମହାଭାରତ): ପୋଲିସ କର୍ମଚାରୀଙ୍କ ମାନସିକ ସୁସ୍ଥତା, ଚାପ ପରିଚାଳନା ଓ ଭାବନାତ୍ମକ ଦୃଢ଼ତା ବୃଦ୍ଧି ଉଦ୍ଦେଶ୍ୟରେ କମିଶନରେଟ୍ ପୋଲିସ, ଭୁବନେଶ୍ୱର-କଟକ ପକ୍ଷରୁ ଏକ ଅର୍ଦ୍ଧଦିବସୀୟ ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମଙ୍ଗଳବାର ପୋଲିସ କମିଶନର ମୁଖ୍ୟାଳୟ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ "କାର୍ଯ୍ୟସ୍ଥଳରେ ମାନସିକ ଅବସାଦଜନିତ କ୍ଳାନ୍ତି, ଭାବନାତ୍ମକ ସୁସ୍ଥତା ଓ ଚାପ ପରିଚାଳନା ଶୀର୍ଷକରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ପୋଲିସ କମିଶନର ଡଃ ଏସ୍. ଦେବ ଦତ ସିଂହ, ଆଇପିଏସ୍‌ଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିବା ବେଳେ ଶ୍ରୀ ସ୍ୱରାଜ ଦେବତା, ଓପିଏସ୍-୧, ଅତିରିକ୍ତ ଡିସିପି, ସ୍ୱତନ୍ତ୍ର ଅପରାଧ ଶାଖା, ଭୁବନେଶ୍ୱର-କଟକ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଅଧିବେଶନରେ କର୍ପୋରେଟ୍ ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତା ଓ ସୁସ୍ଥତା ପ୍ରଶିକ୍ଷକ/ପରାମର୍ଶଦାତା ଶ୍ରୀମତୀ ପ୍ରାଚୀ ଲଲନା ମିଶ୍ର ପୋଲିସିଂ କ୍ଷେତ୍ରରେ କାର୍ଯ୍ୟଜନିତ ଚାପ, ଏହାର କାରଣ, ଲକ୍ଷଣ, ସତର୍କ ସଙ୍କେତ ଓ ପ୍ରତିରୋଧ ଉପାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଏଥିସହ ଭାବନାତ୍ମକ ସୁସ୍ଥତା ଓ ଚାପ ପରିଚାଳନା ପାଇଁ ଶ୍ୱାସକ୍ରିୟା ଅଭ୍ୟାସ, ଶିଥିଳତା ଓ ପୁନରୁଦ୍ଧାର, ସଚେତନ ଧ୍ୟାନ, ନିର୍ଦ୍ଦେଶିତ ଶ୍ୱାସକ୍ରିୟା, ଆତ୍ମ-ସଚେତନତା, କୃତଜ୍ଞତା ଅଭ୍ୟାସ ଓ ମୂଲ୍ୟବୋଧ ଆଧାରିତ ନେତୃତ୍ୱ ଭଳି ବ୍ୟବହାରିକ ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପୋଲିସ କର୍ମଚାରୀଙ୍କ ମଧ୍ୟରେ ଚାପ ପରିଚାଳନା କ୍ଷମତା, ଭାବନାତ୍ମକ ଦୃଢ଼ତା ଓ ସାମଗ୍ରିକ ସୁସ୍ଥତା ବୃଦ୍ଧି କରି ଏକ ସୁସ୍ଥ, ସନ୍ତୁଳିତ ଓ ଅଧିକ କାର୍ଯ୍ୟକ୍ଷମ ପୋଲିସ ବାହିନୀ ଗଠନ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ଥିଲା। କମିଶନରେଟ୍ ପୋଲିସର ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମ ପ୍ରକୋଷ୍ଠ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ପରିଚାଳନା ଶ୍ରୀ ଅକ୍ଷୟ ନାୟକ, ଓପିଏସ୍, ସହକାରୀ ପୋଲିସ କମିଶନର, ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମ, କମିଶନରେଟ୍ ପୋଲିସଙ୍କ ଦ୍ୱାରା କରାଯାଇଥିଲା।

# ରାଉରକେଲାରେ କିସ୍ନା ସ୍ୱତନ୍ତ୍ର ଶୋ'ରୁମ

ରାଉରକେଲା, ୨୬।୮ (ମହାଭାରତ): କିସ୍ନା ହୀରା ଏବଂ ସୁନା ଅଳଙ୍କାର ପକ୍ଷରୁ ଓଡ଼ିଶାର ରାଉରକେଲାର ଫେଇ୨ ଆର୍କେଡ୍ ମଲ୍ ରେ ଅବସ୍ଥିତ ଏକ୍ସକ୍ଲୁସିଭ୍ ସୋ'ରୁମ୍ ସେକ୍ଟର -୫ ରେ ଏହାର ସପ୍ତମ ଶୋରୁମ୍ ର ଉଦ୍ଘାଟନୀ ଉତ୍ସବରେ ଏହାର ପ୍ରତିଷ୍ଠାତା ତଥା ପରିଚାଳନା କରୁଥିବା ଶ୍ରୀ ଘନଶ୍ୟାମ ଢୋଲକିଆ ଉପସ୍ଥିତ ଥିଲେ। ହରିକୃଷ୍ଣ ଗ୍ରୁପ୍ ର ନିର୍ଦ୍ଦେଶକ କିସ୍ନାର ଖୁଚୁରା ସମ୍ପ୍ରସାରଣରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରିଛନ୍ତି। ଏହି ଗ୍ରାଣ୍ଡ ଲଂଚକୁ ପାଳନ କରିବା ପାଇଁ, କିସ୍ନା ଏହାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍ଘାଟନୀ ଅଫର ଆଣିଛି। ହୀରା ଅଳଙ୍କାର ତିଆରି ଶୁଳ୍କ ଉପରେ ୧୦୦% ରିହାତି ଏବଂ ସୁନା ଅଳଙ୍କାର ମେକିଂ ଚାର୍ଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି ରହିଛି। ଏହା ବ୍ୟତୀତ, ଗ୍ରାହକମାନେ ସେମାନଙ୍କର ପୁରୁଣା ସୁନା ବିନିମୟ କରିପାରିବେ ଏବଂ ହୀରା ଅଳଙ୍କାର କିଣିବା ଉପରେ ୧୦୫% ମୂଲ୍ୟ ପ୍ରାପ୍ତ କରିପାରିବେ। ହରି କ୍ରିଷ୍ଣା ଗ୍ରୁପ୍ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଘନଶ୍ୟାମ ଢୋଲକିଆ କହିଛନ୍ତି 'ରାଉରକେଲାର ବିକଶିତ ଏହି ଶୋରୁମ୍ କିସ୍ନା ପାଇଁ ଏକ ଅର୍ଥପୂର୍ଣ୍ଣ ସୁଯୋଗ ଉପସ୍ଥାପନ କରେ। ଏଠାରେ ଆମର ଲଂଚ ଗ୍ରାହକଙ୍କୁ ଏକ ଉତମ ସେବା ପ୍ରଦାନ କରିବା ସହ ବଜାରରେ ଗୁଣାତ୍ମକ ହୀରା ଏବଂ ସୁନା ଅଳଙ୍କାର ପ୍ରଦାନ କରି ଆମର ରଣନୀତିକୁ ପ୍ରତିଫଳିତ କରେ। ଏହି ଯାତ୍ରାର କେନ୍ଦ୍ରରେ 'ହର ଘର' ର ଆମର ଦୃଷ୍ଟିକୋଣ ଅଛି କିସ୍ନା, ପ୍ରତ୍ୟେକ ଭାରତୀୟ ପରିବାରରେ ହୀରା ଅଳଙ୍କାର ଉପଲବ୍ଧ କରାଇବା। କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ଶ୍ରୀ ପରାଗ ଶାହା କହିଛନ୍ତି ଯେ 'ଆମେ ଏହି ଶୋରୁମ୍ ର ଶୁଭାରମ୍ଭ କରି ଆନନ୍ଦିତ ଉତ୍ସବ ଋତୁ ଆରମ୍ଭ ହେବା ପରେ ରାଉରକେଲାର ସ୍ୱତନ୍ତ୍ର ଶୋ'ରୁମ୍।

# 'ଲାଇଫ୍: ଏ ସିରିଜ୍ ଅଫ୍ ପ୍ରୋକ୍ରାଷ୍ଟିନେସନ୍' ଉନ୍ମୋଚିତ

ଭୁବନେଶ୍ୱର, ୨୬।୮ (ମହାଭାରତ): ମାତ୍ର ୧୪ ବର୍ଷ ବୟସରେ ପୁସ୍ତକ ରଚନା କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟର ନବମ ଶ୍ରେଣୀ ଛାତ୍ରୀ ଶ୍ରେୟାଶୀ ପଟ୍ଟନାୟକ। ତାଙ୍କ ରଚିତ ପ୍ରଥମ ପୁସ୍ତକ 'ଲାଇଫ୍: ଏ ସିରିଜ୍ ଅଫ୍ ପ୍ରୋକ୍ରାଷ୍ଟିନେସନ୍' ବିଳମ୍ବନ ଅର୍ଥାତ୍ କାର୍ଯ୍ୟକୁ ଟାଳିବାର ଅଭ୍ୟାସ ଉପରେ ଆଧାରିତ। ଅଗଷ୍ଟ ୧୫ ତାରିଖରେ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା-ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ ଶ୍ରେୟାଶୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା କାମନା



କରିଥିଲେ। ସରଳ ଓ ଚିନ୍ତନଶୀଳ ଶୈଳୀରେ ଲିଖିତ ଏହି ପୁସ୍ତକରେ କାମ, ନିଷ୍ପତି ଓ ସ୍ୱପ୍ନକୁ 'ପରେ କରିବା' ନୀତିରେ ଟାଳିବାର ପ୍ରବୃତି ସଂପର୍କରେ ଆଲୋକପାତ କରାଯାଇଛି। ପ୍ରୋକ୍ରାଷ୍ଟିନେସନ୍ କେବଳ ଅଳସୁଆପଣ ନୁହେଁ, ବରଂ ଭୟ, ଅନିଶ୍ଚିତତା, ସବୁକିଛି ଠିକ୍ କରିବାର ଚାପ ଏବଂ ସ୍ୱପ୍ନକୁ ଅନ୍ୟ ଏକ ଦିନ ନିମନ୍ତେ ରଖି ଦେବା ଭଳି ମାନବୀୟ ଭାବନା ସହ ଜଡ଼ିତ ବୋଲି ପୁସ୍ତକରେ ଦର୍ଶାଯାଇଛି।

ଛାତ୍ରଛାତ୍ରୀ ଓ ଯୁବ ସ୍ୱପ୍ନଦ୍ରଷ୍ଟାଙ୍କ ପାଇଁ ଏହି ପୁସ୍ତକର ମୁଖ୍ୟ ବାର୍ତା ହେଉଛି ଜୀବନରେ କିଛି ଆରମ୍ଭ କରିବା ପାଇଁ ସବୁ କିଛି ସଂପୂର୍ଣ୍ଣ ହେବା ଆବଶ୍ୟକ ନୁହେଁ ବରଂ ପ୍ରଥମ ପଦକ୍ଷେପ ନେବା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଶ୍ରେୟାଶୀ ପାଠପଢ଼ା ସହ ଚିତ୍ରକଳା ଓ ନୃତ୍ୟକୁ ମଧ୍ୟ ଭଲ ପାଆନ୍ତି। ଦୈନନ୍ଦିନ ଜୀବନର ଛୋଟ ଛୋଟ ଘଟଣା ମଧ୍ୟରେ କାହାଣୀ ଖୋଜିବା ତାଙ୍କର ବିଶେଷ ରୁଚି। ତାଙ୍କର ଏହି ଉତ୍ସୁକତା ଓ ପର୍ଯ୍ୟବେକ୍ଷଣ ଶକ୍ତି ତାଙ୍କୁ ଲେଖାଲେଖି ପାଇଁ ପ୍ରେରିତ କରିଛି। ଶ୍ରେୟାଶୀ ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ସୋଭନ ପଟ୍ଟନାୟକ ଏବଂ ସମ ହସ୍ପିଟାଲ୍‌ର ଫାର୍ମାସି ବିଭାଗର ମୁଖ୍ୟ ଡକ୍ଟର ଜସ୍ମିନ ପଣ୍ଡାଙ୍କ କନ୍ୟା। ଏତେ କମ୍ ବୟସରେ ଶ୍ରେୟାଶୀଙ୍କ ଏହି ସଫଳତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, କଳ୍ପନା ଶକ୍ତି ଓ ସାହିତ୍ୟିକ ପ୍ରତିଭାର ବିକାଶ ସହ ନିଜ ଚିନ୍ତାଧାରାକୁ ଆତ୍ମବିଶ୍ୱାସର ସହ ପ୍ରକାଶ କରିବାର କଳାକୁ ପ୍ରତିଫଳିତ କରୁଛି।

# 'ମାଇଁ ଫ୍ୟାମିଲି କମ୍ପ୍ଲିଟ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୨୬।୮ (ମହାଭାରତ): ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବରୁ ବଜାଜ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଭାବେ ପରିଚିତ), ଆଜି 'ମାଇଁ ଫ୍ୟାମିଲି କମ୍ପ୍ଲିଟ୍'ର ଶୁଭାରମ୍ଭ ଘୋଷଣା କରିଛି। ଏହା ଏକ ଅଭିନବ ହେଲ୍‌ଥ ଇନସ୍ୟୁରାନ୍ସ ପ୍ରୋଡକ୍ଟ, ଯାହା ପରିବାରର ପରିଭାଷାକୁ ବିସ୍ତାର କରି ପୋଷା କୁକୁର ଏବଂ ବିଲେଇ ମାନଙ୍କୁ ଅନ୍ତର୍ଭୁକ୍ତ କରୁଛି। ଏହି ପ୍ରଥମ ପ୍ରକାରର ପ୍ଲାନ୍ ମଣିଷ ପରିବାର ସଦସ୍ୟ ଏବଂ ପୋଷାଜୀବଙ୍କ ପାଇଁ ପୃଥକ୍ ଭାବରେ ପଲିସି ନେବାର ଆବଶ୍ୟକତାକୁ ଦୂର କରି ପୃଥକ୍ ଭାବେ ସୁରକ୍ଷା ପ୍ରଦାନ ମଧ୍ୟରେ ଥିବା ଅଭାବକୁ ପୂରଣ କରୁଛି। ଏହା ଗୋଟିଏ ସମନ୍ୱିତ ପ୍ଲାନ୍ ଜରିଆରେ ପୋଷାଜୀବଙ୍କୁ ବୀମାଭୁକ୍ତ ପରିବାର ସଦସ୍ୟ ଭାବେ ବିବେଚନା କରି, ଗୋଟିଏ ହେଲ୍‌ଥ ପ୍ରୋଟେକ୍ସନ୍ ଫ୍ରେମୱାର୍କ ଅଧୀନରେ ସମସ୍ତଙ୍କ ପାଇଁ ସମାନ କଭରେଜ୍ କୁ ସୁନିଶ୍ଚିତ କରୁଛି। ଏହି ପ୍ଲାନ୍ ଇନଡେମନିଟି ଏବଂ ଲାଭ-ଆଧାରିତ ପେଆଉଟ୍‌ର ସନ୍ତୁଳିତ ମିଶ୍ରଣ ସହିତ ୫ ବର୍ଷ ପର୍ଯ୍ୟନ୍ତ ଫ୍ଲେକ୍ସିବଲ୍ ଅବଧି ସହିତ ଟଙ୍କା ୫ ଲକ୍ଷରୁ ଟଙ୍କା ୫ କୋଟି ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ ବିକଳ୍ପ ପ୍ରଦାନ କରିଥାଏ। ମାଇଁ ଫ୍ୟାମିଲି କମ୍ପ୍ଲିଟ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ ପରିକଳ୍ପିତ, ଯେଉଁଥିରେ ୧୮ ବର୍ଷରୁ ଆରମ୍ଭ କରି ବୟସ୍କ, ୩ ମାସରୁ ୩୦ ବର୍ଷ ପର୍ଯ୍ୟନ୍ତ ନିର୍ଭରଶୀଳ ସନ୍ତାନ ଏବଂ ୩ ମାସ ବୟସରୁ ପୋଷା କୁକୁର କିମ୍ବା ବିଲେଇଗୁଡ଼ିକୁ ସର୍ବାଧିକ ବୟସର କୌଣସି ସୀମା ବିନା ଅନ୍ତର୍ଭୁକ୍ତ କରାଯାଇଛି।

# ରାଜ୍ୟରେ ସାର ସଂକଟ

ଓଡ଼ିଶା ଏକ କୃଷି ପ୍ରଧାନରାଜ୍ୟ ଏବଂ କୃଷି ଏହାର ଅର୍ଥନୀତିର ମେରୁଦଣ୍ଡ। କେବଳ ଓଡ଼ିଶା କାହିଁକି ସମଗ୍ର ଭାରତ ହେଉଛି ଏକ କୃଷି ପ୍ରଧାନ ଦେଶ। ୧୪୦ କୋଟିରୁ ଅଧିକ ଲୋକଙ୍କ ଚାହିଦା ମେଣ୍ଟାଇବା କିଛି କମ କଥା ନୁହେଁ। ଏଥିପାଇଁ ଉତ୍ପାଦନ ବୃଦ୍ଧି ଜରୁରୀ। ସ୍ୱାଧୀନତା ପରେ ଭାରତରେ କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ଅନେକ ପ୍ରୟାସ କରାଯାଇଛି। ଦୁଇ ଦୁଇଟି ସବୁଜ ବିପ୍ଳବ ପରେ ଭାରତରେ କୃଷି ଉତ୍ପାଦନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏବେ ଭାରତ ନିଜର ଚାହିଦା ପୂରଣ କରି ବିଦେଶକୁ ମଧ୍ୟ ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛି। ଏକଦା ଭାରତ ବିଦେଶରୁ ଗହମ ଆମଦାନୀ କରୁଥିଲା। ଏବେ ଭାରତ ବିଦେଶକୁ ଗହମ ରପ୍ତାନୀ କରୁଛି। ଏହା ସହିତ ଚାଉଳ, ଚିନି, ଚା', ଫଳ ଆଦି ଭାରତରୁ ରପ୍ତାନୀ ହେଉଛି। କିନ୍ତୁ ଅନେକ ଖାଦ୍ୟ ସାମଗ୍ରୀ ବିଶେଷ କରି ଖାଇବା ତେଲ ପାଇଁ  ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଡାଲି ମଧ୍ୟ ଆମଦାଂନୀ କରିବାକୁ ପଡୁଛି। କାରଣ ଆଭ୍ୟନ୍ତରୀଣ ଚାହିଦା ମୁତାବକ ଏଠାରେ ପର୍ଯ୍ୟାପ୍ତ ଉତ୍ପାଦନ ହେଉନି। ଆମ ନିକଟରେ ଉର୍ବର ଜମି ଏବଂ ଜଳ ରହିଛି। କିନ୍ତୁ ଏହା ସତ୍ତ୍ୱେ ଉତ୍ପାଦନ ବୃଦ୍ଧି ନପାଇବାର ମୁଖ୍ୟ କାରଣ ହେଲା ଜଳସେଚନର ଅଭାବ ଏବଂ ସାର, କୀଟନାଶକ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀର ଅଭାବ। ଓଡ଼ିଶାରେ କୃଷି କ୍ଷେତ୍ରକୁ ଜଳସେଚନ ଲାଗି ବହୁ ବର୍ଷ ହେବ ଅନେକ ଯୋଜନା କରାଯାଇଛି। କିଛିଟା ସଫଳତା ମଧ୍ୟ ମିଳିଛି। କିନ୍ତୁ ଲକ୍ଷ୍ୟସ୍ଥଳଠାରୁ ଆମେ ବହୁ ଦୂରରେ ରହିଯାଇଛୁ। ସେହିପରି କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ବିପୁଳ ସାର ଆବଶ୍ୟକ ଥିବା ବେଳେ ଏହାର ଅଭାବ ରହିଛି। ବିଦେଶ କଥା ଛାଡ଼, ଭାରତର ଅନ୍ୟ କୃଷି ସମୃଦ୍ଧ ରାଜ୍ୟରେ ହେକ୍ଟର ପିଛା ସାର ବ୍ୟବହାର ପରିମାଣ ତୁଳନାରେ ଓଡ଼ିଶାରେ ସାର ବ୍ୟବହାର ଯଥେଷ୍ଟ କମ। କାରଣ ଚାହିଦା ତୁଳନାରେ ସାର ବଜାରରେ ମିଳୁନି। ସରକାର ସାର ବାବଦରେ ବିପୁଳ ପରିମାଣର ସବସିଡି ପ୍ରଦାନ କରୁଛନ୍ତି। କିନ୍ତୁ ଚାଷୀଙ୍କ ନିକଟରେ ଏହାର ସୁଫଳ ପହଞ୍ଚି ପାରୁନାହିଁ। ଚଳିତ ବର୍ଷ ଓଡ଼ିଶାରେ ସାର ଅଭାବ ଯୋଗୁ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏହା  ଏକ ରାଜନୈତିକ ପ୍ରସଙ୍ଗ ମଧ୍ୟ ହୋଇଯାଇଛି। ବିରୋଧୀ ଦଳ ଗୁଡ଼ିକ ସାର ଅଭାବ ଲାଗି ସରକାରଙ୍କୁ ଦାୟୀ କରି ଆନ୍ଦୋଳନ କରୁଛନ୍ତି। ବିଧାନସଭା ଭିତରେ ମଧ୍ୟ ଏହି ପ୍ରସଙ୍ଗ ନେଇ ହଟ୍ଟଗୋଳ ହେଉଛି। ସରକାର କହୁଛନ୍ତି ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ସାର କଳାବଜାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ସୁଫଳ ମିଳୁନି। ସାର ପାଇଁ ଚାଷୀ ରାତି ଅଧରୁ ଲାଇନ ଦେଉଥିବା ବେଳେ  ଶେଷରେ ଗୋଟିଏ ବ୍ୟାଗ ସାର ମଧ୍ୟ ପାଉନି। ଯେଉଁଠି ୧୦୦ ବସ୍ତା ସାର ରହିଛି, ସେଠାରେ ୫୦୦ ଚାଷୀ ସାର କିଣିବାକୁ ଅପେକ୍ଷାରତ ଅଛନ୍ତି। ଯାହା ବି ସାର ମିଳୁଛି ତାହା ସଠିକ ସମୟରେ ମିଳୁନି। ଏଥର ରାଜ୍ୟରେ ଭଲ ପାଣିପାଗ ରହିଛି। ସବୁ ସ୍ଥାନରେ ସ୍ୱାଭାବିକ ପରିମାଣର ବର୍ଷା ହୋଇଛି। ତେଣୁ ଖରିଫ ଫସଲ ଉତ୍ପାଦନ ରେକର୍ଡ ଛୁଇଁବା କଥା। କିନ୍ତୁ ସାର ଅଭାବକୁ ଦେଖିଲେ ଏହା ସମ୍ଭବ ହେବା ପରି ମନେ ହେଉନି। ସାର ଅଭାବର ମୁଖ୍ୟ କାରଣ ହେଲା ଆବଶ୍ୟକତା ତୁଳନାରେ ଏଠାରେ ସାର ଉତ୍ପାଦନ ହେଉନି। ତେଣୁ ସାର ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଚଢ଼ା ଦରରେ ସାର କିଣି ସରକାର ଏହା ଉପରେ ସବସିଡି ଦେଉଛନ୍ତି। ସବସିଡିର ମଧ୍ୟ ଏକ ସୀମା ରହିଛି। ଯେତେ ଅଧିକ ସାର ଆମଦାନୀ କରାଯିବ, ସରକାରଙ୍କୁ ସବସିଡି ବାବଦରେ ସେତେ ଅଧିକ ବ୍ୟୟ କରିବାକୁ ପଡ଼ିବ। ତେଣୁ ସାର ସମସ୍ୟା ଦୂର ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ଏହା ଗୋଟିଏ ଦିନରେ ବା ଗୋଟିଏ ବର୍ଷରେ ସମ୍ଭବ ନୁହେଁ। ଏଥିପାଇଁ ବେଶ କିଛି ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଏବେଠାରୁ ଯୋଜନା କଲେ ୫ ବର୍ଷ ଭିତରେ ସାର ଉତ୍ପାଦନ ବୃଦ୍ଧି ସମ୍ଭବ ହୋଇପାରିବ। ସୁଖର କଥା ତାଳଚେର ସାର କାରଖାନାର ପୁନରୁଦ୍ଧାର ପ୍ରୟାସ କରାଯାଉଛି।

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

"ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ ।


॥ ଉମେଶ ଚନ୍ଦ୍ର ପାତ୍ର ॥


ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ୱା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ୱା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର୍ କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# ଏକ ଐଶୀକଳା ସଂପନ୍ନ ବରପୁତ୍ର


॥ ଫଜଲ ହକ ଖାନ୍ ॥


କାଳରେ ଧର୍ମର ଗ୍ଲାନି ଘଟିବ । କଲକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନନ୍ଦନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।''

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ  ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ  ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି  ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତ୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତ୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।


ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭


# ଆମେ ଓ ଆମ ପରିବେଶର ପଶୁପକ୍ଷୀ


॥ ବିପିନ ବିହାରୀ ମହାନ୍ତି ॥


ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ୱା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।


**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର,ଜଟଣୀ**




# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ବୁଲିବାକୁ ଯାଇ ନେପାଳରେ ନିଖୋଜ ଖୋର୍ଦ୍ଧାର ଦମ୍ପତି



ଖୋର୍ଦ୍ଧା, ୨୭/୦୮(ମହାଭାରତ) : ନେପାଳ-ତିବ୍ବତ ସୀମା ଅଞ୍ଚଳରେ ଘଟିଥିବା ଭୟଙ୍କର ବନ୍ୟା ଓ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଅନେକ ରାସ୍ତା, ଘର, ଯାନବାହନ ଓ ଅନ୍ୟାନ୍ୟ ଭିତ୍ତିଭୂମି ନଷ୍ଟ ହୋଇଥିବା ବେଳେ ଶତାଧିକ ଲୋକଙ୍କ ନିଖୋଜ ଖବର ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ପାଇଁ ଆସିଛି ଚିନ୍ତାଜନକ ଖବର। ପର୍ଯ୍ୟଟନ ଉଦ୍ଦେଶ୍ୟରେ ନେପାଳ ଯାଇଥିବା ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଜେମାଦେଇ ଅଞ୍ଚଳର ଏକ ଦମ୍ପତିଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ନିଖୋଜ ଦମ୍ପତି ହେଲେ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କର ବଡ଼ପୁଅ ସନ୍ଦୀପ ମହାପାତ୍ର ଓ ତାଙ୍କ ପତ୍ନୀ ସିଦ୍ଧାର୍ଥୀ କୁମାରୀ ସାହୁ। ଉଭୟେ ମୂଳତଃ ଖୋର୍ଦ୍ଧା ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ଏବଂ ବର୍ତ୍ତମାନ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ରହୁଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଦମ୍ପତି ଗତା ଅଗଷ୍ଟ ୨୨ ତାରିଖରେ ନେପାଳ ଯାଇଥିଲେ। ନେପାଳରେ ବୁଲାବୁଲି କରିବା ସହ କିଛି ଦିନ ରହିବା ପରେ ଅଗଷ୍ଟ ୨୭ ତାରିଖରେ ଫେରିବା ଯୋଜନା ଥିବା ସୂଚନା ମିଳିଛି । କିନ୍ତୁ ଏହା ମଧ୍ୟରେ ନେପାଳରେ ହଠାତ୍ ଭୟଙ୍କର ବନ୍ୟା ଓ ଭୂସ୍ଖଳନ ଘଟିବା ପରେ ଦମ୍ପତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ । ସେମାନଙ୍କ ମୋବାଇଲ ଫୋନ୍ ବନ୍ଦ ଥିବାରୁ ପରିବାର ଲୋକଙ୍କ ଚିନ୍ତା ଆହୁରି ବଢ଼ିଯାଇଛି । ଖବର ଅନୁସାରେ, ବିପର୍ଯ୍ୟୟ ଘଟିବା ପୂର୍ବରୁ ପରିବାର ଲୋକଙ୍କ ସହ ଅଗଷ୍ଟ ୨୩ ତାରିଖ ରାତିରେ ସନ୍ଦୀପ ଓ ସିଦ୍ଧାର୍ଥୀ ଶେଷଥର ଫୋନରେ କଥା ହୋଇଥିଲେ। କରି ଯୋଗାଯୋଗ ହୋଇଥିଲା। ଏହାପରେ ସେମାନଙ୍କର ଆଉ କୌଣସି ସୂଚନା ମିଳି ପାରୁ ନାହିଁ ବୋଲି ସନ୍ଦୀପଙ୍କ ସାନଭାଇ କହିଛନ୍ତି । ତେବେ ଚିନ୍ତାର ବିଷୟ ହେଉଛି, ବିପର୍ଯ୍ୟୟ ସମୟରେ ଦମ୍ପତିଙ୍କ ଶେଷ ଅବସ୍ଥିତି ନେପାଳର ଏକ ଇମିଗ୍ରେସନ୍ କେନ୍ଦ୍ର ନିକଟରେ ଥିବା ଖବର ପ୍ରକାଶ ପାଇଛି । କିନ୍ତୁ ସେମାନଙ୍କ ବର୍ତ୍ତମାନର ସ୍ଥିତି ନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ନିଶ୍ଚିତ ସୂଚନା ମିଳିନାହିଁ। ଯାହାକୁ ନେଇ ସନ୍ଦୀପଙ୍କ ପରିବାର ଓ ଆତ୍ମୀୟସ୍ୱଜନ ଗଭୀର ଚିନ୍ତାରେ ଅଛନ୍ତି । ଦମ୍ପତିଙ୍କ ସମ୍ପର୍କରେ ଖବର ପାଇବା ପାଇଁ ପରିବାର ଲୋକେ ବିଭିନ୍ନ ସ୍ତରରେ ଯୋଗାଯୋଗ ଜାରି ରଖିଥିବା ବେଳେ ଓଡ଼ିଶା ସରକାର ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି । ସନ୍ଦୀପଙ୍କ ଭଉଣୀଙ୍କଠାରୁ ଆବଶ୍ୟକ ବିବରଣୀ ସଂଗ୍ରହ କରାଯାଇ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟକୁ ଦିଆଯାଇଥିବା ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି । ନେପାଳରେ ଫସିଥିବା ଭାରତୀୟଙ୍କ ସ୍ଥିତି ଜାଣିବା ଏବଂ ସହାୟତା ପହଞ୍ଚାଇବା ପାଇଁ ଭାରତ ଓ ନେପାଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଜାରି ରହିଛି । ଏହି ଭୟାବହ ବିପର୍ଯ୍ୟୟ ମଧ୍ୟରେ ଦମ୍ପତିଙ୍କ ସୁରକ୍ଷିତ ଫେରିବା ନେଇ ସନ୍ଦୀପଙ୍କ ପରିବାର, ଆତ୍ମୀୟ ଓ ଶୁଭେଚ୍ଛୁମାନେ ଆଶା ରଖିଛନ୍ତି ।

## ଜାହାଜ ବୁଡିଯିବା ଘଟଣା : ଦୁଇ ଚାଇନା ନାଗରିକ କ୍ରୀୟୁ ସଦସ୍ୟ ଉଦ୍ଧାର



ପାରାଦ୍ୱୀପ, (ମହାଭାରତ) : ମଝି ସମୁଦ୍ରରେ ପଣ୍ୟବାହୀ ଜାହାଜ ବୁଡିଯିବା ଘଟଣା। ପାରାଦ୍ୱୀପ ରେ ପହଞ୍ଚିଲେ ଉଦ୍ଧାର ହୋଇଥିବା ଦୁଇ ଚାଇନା ନାଗରିକ କ୍ରୀୟୁ ସଦସ୍ୟ। କୋଷ୍ଟଗାର୍ଡ ଜାହାଜ 'ଭରଦ' ରେ ଆସିଲେ ପାରାଦ୍ୱୀପ। ଜାହାଜରେ ଇମିଗ୍ରେସନ ର ସ୍ୱତନ୍ତ୍ର ଟିମ୍, ପାରାଦ୍ୱୀପ ଅତିରିକ୍ତ ଏସପି ଆଜିଙ୍କ୍ୟ ମାଣେ ଓ ସିଆଇଏସ ?ଏଫ ଅଧିକାରୀ ପହଞ୍ଚି ପ୍ରାଥମିକ ଯାଞ୍ଚ ପରେ ଉଭୟଙ୍କୁ ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଇମିଗ୍ରେସନ ଅଫିସ୍ ପକ୍ଷରୁ ଉଦ୍ଧାର ଦୁଇ ନାବିକ ଙ୍କୁ ଜାହାଜ ର ଏଜେନ୍ସୀ କୁ ହସ୍ତାନ୍ତର କରାଯାଇଛି ଏବଂ ଏଜେନ୍ସୀ ସେମାନଙ୍କୁ କଲିକତା ନେବା ପରେ ସେଠାରୁ ତାଙ୍କୁ ଚାଇନା ଦୂତାବାସ ସହିତ ଯୋଗାଯୋଗ କରାଯାଇ ହସ୍ତାନ୍ତର କରାଯିବ। ଏବେବି ଜାହାଜ ର ୨୨ କ୍ରୀୟୁ ସଦସ୍ୟ ନିଖୋଜ ରହିଛନ୍ତି । ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ଚାଇନା ର ଦୁଇଟି ଜାହାଜ ଓ ନ୍ୟାଭି ର ଦୁଇଟି ଏୟାରକ୍ରାଫ୍ଟ ସହିତ କୋଷ୍ଟଗାର୍ଡ ର ଗୋଟିଏ ଜାହାଜ। ଗତ ୨୨ ତାରିଖ ରେ ପାରାଦୀପରୁ ଲୁହାପଥର ନେଇ ଚୀନ ଅଭିମୁଖେ ଯାଉଥିବା ଜାହାଜ ଏମଭି ଓସିଆନ ଉଇନର ସମୁଦ୍ରରେ ବୁଡିଯିବା ପରେ ଉଦ୍ଧାର ହୋଇଥିବା ଦୁଇଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡିଛି।

## ଖୋର୍ଦ୍ଧା ଜିଲ୍ଲାରେ ବଦଳିଲେ ୧୦ ଥାନା ଅଧିକାରୀ

ଖୋର୍ଦ୍ଧା, ୨୭/୦୮(ମହାଭାରତ) : ଖୋର୍ଦ୍ଧା ଜିଲ୍ଲା ପୁଲିସ ବିଭାଗରେ ବଡ଼ଧରଣର ଅଦଳବଦଳ ହୋଇଛି। ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ୧୦ ଜଣ ପୁଲିସ ଇନ୍ସପେକ୍ଟରଙ୍କ ବଦଳି ସହିତ ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଖାଲି ରହିଥିବା ପଦବୀ, ପ୍ରଶାସନିକ ଆବଶ୍ୟକତା ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବଦଳି କରାଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଆଦେଶ ଅନୁସାରେ, ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କୁ ବୋଲଗଡ଼ ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ବୋଲଗଡ଼ ଥାନାର ଆଇଆଇସି ଇନ୍ସପେକ୍ଟର ସୁକାନ୍ତ କୁମାର ଦଳାଇଙ୍କୁ ବେଗୁନିଆ ଥାନାର ଆଇଆଇସି ଦାୟିତ୍ୱ ମିଳିଛି। ମୁଖ୍ୟାଳୟ, ଡିପିଓ ଖୋର୍ଦ୍ଧାରେ କାର୍ଯ୍ୟରତ ଇନ୍ସପେକ୍ଟର ରିନାରାଣୀ ସାହୁ ନିରାକାରପୁର ଥାନା ଅଧିକାରୀ ଏବଂ ନିରାକାରପୁର ଥାନାର ଆଇଆଇସି ଇନ୍ସପେକ୍ଟର ବିଶ୍ୱଜିତ ରାଉତରାୟ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି । ଡିସିଆରବି, ଡିପିଓ ଖୋର୍ଦ୍ଧାରେ କାର୍ଯ୍ୟରତ ଇନ୍ସପେକ୍ଟର ରମେଶ କୁମାର ଦେବତ୍ତାଙ୍କୁ ମଡେଲ ଥାନା ଖୋର୍ଦ୍ଧାର ଆଇଆଇସି ଦାୟିତ୍ୱ ମିଳିଛି। ଏହାସହ ସିସି ଆଣ୍ଡ ଇଓ ପିଏସ୍ ଖୋର୍ଦ୍ଧାରେ କାର୍ଯ୍ୟରତ ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରାଙ୍କୁ ବାଘମାରୀ ଥାନାର ଆଇଆଇସି ଏବଂ ଇନ୍ସପେକ୍ଟର ଚନ୍ଦ୍ରଶେଖର ଜେନାଙ୍କୁ ଜଙ୍କିଆ ଥାନାର ଆଇଆଇସି ଭାବେ ନୂତନ ଦାୟିତ୍ୱ ଦିଆଯାଇଛି। ଅନ୍ୟପଟରେ ମଡେଲ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ସଞ୍ଜୟ କୁମାର ନାୟକଙ୍କୁ ଡିଆଇବି, ଡିପିଓ ଖୋର୍ଦ୍ଧାକୁ ବଦଳି କରା ଯାଇଥିବା ବେଳେ ଡିଆଇବି, ଡିପିଓ ଖୋର୍ଦ୍ଧାରେ କାର୍ଯ୍ୟରତ ଇନ୍ସପେକ୍ଟର ସୁଶାନ୍ତ କୁମାର ବେହେରାଙ୍କୁ ସିସି ଆଣ୍ଡ ଇଓ ପିଏସ୍, ଖୋର୍ଦ୍ଧାକୁ ବଦଳି କରାଯାଇଛି ଏବଂ ଇଣ୍ଡଷ୍ଟ୍ରିଆଲ୍ ଏଷ୍ଟେଟ୍ ଥାନାର ଇନ୍ସପେକ୍ଟର ଉମେଶ ସାହୁଙ୍କୁ ଡିସିଆରବି, ଡିପିଓ ଖୋର୍ଦ୍ଧାକୁ ପଠାଯାଇଛି। ଏହି ଅଦଳବଦଳ ପରେ ବିଭିନ୍ନ ଥାନାରେ ଆଇନଶୃଙ୍ଖଳା ପରିଚାଳନା ଓ ପୁଲିସ ସେବା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ସାମ୍ବାଦିକ ଏନ.ଏମ.ବୈଶାଖ କିଡ଼ନୀ କର୍କଟ ରୋଗରେ ପୀଡିତ



ପାରାଦୀପ, (ମହାଭାରତ) : ଜଣାଶୁଣା ସାମ୍ବାଦିକ ଏନ.ଏମ.ବୈଶାଖ କିଡ଼ନୀ କର୍କଟ ରୋଗରେ ପୀଡିତ ହୋଇ ଗୁରୁତର ଅବସ୍ଥାରେ ଅଛନ୍ତି । ୨୦୨୫ ମସିହା ସେପ୍ଟେମ୍ବର ୧୧ ତାରିଖରେ ଏହି ରୋଗ ଚିହ୍ନଟ ହେବା ପରେ ପ୍ରଥମେ ଆପୋଲୋ, ପରେ ଏସସିବି ତାପରେ, ଭୁବନେଶ୍ୱର ଏମ୍ସ ଏବଂ ପରେ ଉତ୍କଳ ହସ୍ପିଟାଲରେ ଡା.ସତ୍ୟବ୍ରତ ମହାପାତ୍ର ଓ ଡା.ଭୂପେନ ପ୍ରସାଦଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରି ଗୋଟିଏ କିଡନୀ କାଢ଼ି ନିଆଯାଇଥିଲା । ଏହାପରେ ଭୁବନେଶ୍ୱର ଏମ୍ସ ରେ ଡା.ସୌରଭ ମିଶ୍ର ଙ୍କ ନେତୃତ୍ୱରେ ଚାଲିଥିଲା କର୍କଟ ରୋଗ ଚିକିତ୍ସା । କିନ୍ତୁ ଦୁଇ ଥର ବଡ଼ ଧରଣର ସଂକ୍ରମଣ ଚିକିତ୍ସା ପରେ ପରେ ତୁରନ୍ତ ବାଗଚି କ୍ୟାନ୍ସର କେୟାର କୁ ବୈଶାଖ ଙ୍କୁ ଯିବାକୁ ପଡ଼ିଥିଲା । କିନ୍ତୁ ସେଠାରେ ସଫଳ ନ ହେବାରୁ ବର୍ତମାନ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲ ରେ ଚିକିତ୍ସା ଚାଲିଛି । ଏଥିପାଇଁ ଅଜସ୍ର ଅର୍ଥ ଖର୍ଚ୍ଚ ହୋଇ ସାରିଛି। ବର୍ତ୍ତମାନ ଆଉ ଦୁଇ ମାସରେ ବର୍ଷ ଟିଏ ପୁରିବ ଏବଂ ଦ୍ୱିତୀୟ ବର୍ଷ ଆରମ୍ଭ ହେବ । ଏଥିପାଇଁ ଚିକିତ୍ସାଧୀନ ଏନ୍ ଏମ୍ ବୈଶାଖ ତାଙ୍କର ସାମ୍ବାଦିକତା କାର୍ଡ ରେ ଥିବା ସମସ୍ତ ଅର୍ଥ କେବଳ ଅସ୍ତ୍ରୋପଚାର ସମୟରେ ଖର୍ଚ୍ଚ କରିଥିବା ବେଳେ କର୍କଟ ଚିକିତ୍ସା ପାଇଁ ଦୁଇଟି ଦାମୀ ଇଞ୍ଜେକ୍ସନ ନେବାକୁ ପଡୁଛି ଏବଂ ଏହି ଦୁଇଟି ଇଞ୍ଜେକ୍ସନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି ଯେଉଁଥିପାଇଁ ପାରାଦୀପ ର ବହୁତ ବଦାନ୍ୟ ବ୍ୟକ୍ତି ବିଶେଷ ସାହାଯ୍ୟ ସହଯୋଗ ର ହାତ ବଢ଼େଇ ଥିଲେ । ତେବେ ଏହା ପର୍ଯ୍ୟାପ୍ତ ପରିମାଣର ନ ହେବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଓ ପିଏମ ରିଲିଫ ଫଣ୍ଡ ର ଦ୍ୱାରସ୍ଥ ହେବା ସହ ଜର୍ଣ୍ଣାଲିଷ୍ଟ ୱେଲଫେୟାର ଫଣ୍ଡ କୁ ମଧ୍ୟ ନିବେଦନ କରିବାର ଆବଶ୍ୟକତା ଦେଖାଦେଇଛି । ଦୂରଦର୍ଶନରେ ପ୍ରସାରିତ ହେଉଥିବା ଆଜିର ଓଡ଼ିଶା ରୁ କ୍ୟାରିୟର ଆରମ୍ଭ କରି ପରେ ଓଡ଼ିଶା ଡାଏରୀ ଏବଂ ୧୯୯୯ ମସିହା ଠାରୁ ଓଟିଭି ରେ ଦୀର୍ଘ ୨୦ ବର୍ଷ ଲମ୍ବା ଯାତ୍ରା ଓ ବର୍ତ୍ତମାନ ପାରାଦୀପ ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଭାବରେ ଏଏନଆଇ ରେ କାର୍ଯ୍ୟରତ । ତେବେ ବରିଷ୍ଠ ସାମ୍ବାଦିକ ଏନ୍ ଏମ୍ ବୈଶାଖ ଏହି କ୍ୟାନସର ଲଢେଇ ରେ ସାମାନ୍ୟ ସାହାଯ୍ୟ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି । ସେହିପରି ପ୍ରମେୟ ଖବରକାଗଜ ର ଜଣାଶୁଣା ସାମ୍ବାଦିକ ସ୍ୱାଧୀନଚେତା ଦାଶମହାପାତ୍ର ଦୀର୍ଘଦିନ ହେବ ମସ୍ତିକ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅଛନ୍ତି । ଏଣୁ ଉଭୟ ସାମ୍ବାଦିକ ଙ୍କୁ ସରକାର ସହାୟତା ଓ ସହଯୋଗ ପାଇଁ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ଅନୁରୋଧ କରିଛନ୍ତି ।

## ଅନାଥ ଛାତ୍ରଛାତ୍ରୀ ଗହଣରେ ରାକ୍ଷୀ ପୂର୍ଣ୍ଣିମା ପାଳିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ରାଇଘର, (ମହାଭାରତ) : ରାକ୍ଷୀ ବନ୍ଧନ ହେଉଛି ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ। ଏହି ପବିତ୍ର ଦିନରେ ଭାଇ-ଭଉଣୀଙ୍କ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ଅସହାୟ ଓ ଅନାଥ ପିଲାମାନଙ୍କ ମୁହଁରେ ହସ ଫୁଟାଇବା ଉଦ୍ଦେଶ୍ୟରେ ରାଇଘରରେ ଦେଖିବାକୁ ମିଳିଛି ଏକ ଭାବପୂର୍ଣ୍ଣ କାର୍ଯ୍ୟକ୍ରମ ।ଆଜି ରାଇଘରର ସରଗୁଲିଠାରେ ଥିବା ଅନାଥ ଆଶ୍ରମରେ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ତାଙ୍କ ଧର୍ମପତ୍ନୀ ।ଏହି ଅବସରରେ ଅନାଥ ଆଶ୍ରମରେ ରହୁଥିବା ଛାତ୍ରଛାତ୍ରୀଙ୍କ ସହ ମନ୍ତ୍ରୀ ଓ ତାଙ୍କ ଧର୍ମପତ୍ନୀ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପିଲାମାନଙ୍କ ସହ ଭାବବିନିମୟ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ବାପା-ମାଆଙ୍କ ସ୍ନେହ ଓ ମମତାରୁ ବଞ୍ଚିତ ଏହି ଅନାଥ ପିଲାମାନଙ୍କୁ ନିଜ ପରିବାରର ସଦସ୍ୟ ଭଳି ସ୍ନେହ ଓ ଭଲପାଇବା ଦେବାର ଏହି ପ୍ରୟାସ ଉପସ୍ଥିତ ସମସ୍ତଙ୍କ ମନକୁ ଛୁଇଁଥିଲା। ରାକ୍ଷୀ ବନ୍ଧନର ଏହି ଅବସରରେ ପିଲାମାନଙ୍କୁ ଏକାକୀପଣର ଅନୁଭବ ନକରାଇ, ସେମାନଙ୍କ ସହ ଆନନ୍ଦ ବାଣ୍ଟିବା ଓ ସ୍ନେହର ସମ୍ପର୍କ ଗଢ଼ିବାର ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲ ସମେତ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। କେବଳ ପଦପଦବୀ ନୁହେଁ ମାନବିକତା ଓ ସମାଜ ପ୍ରତି ଦାୟିତ୍ୱବୋଧ ହିଁ ଜଣେ ଜନପ୍ରତିନିଧିଙ୍କ ପରିଚୟ ରାଇଘର ସରଗୁଲିର ଏହି ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ମାଧ୍ୟମରେ ସେହି ବାର୍ତ୍ତା ମିଳିଛି।

## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି(ସ୍ୱୟଂଶାସିତ)ମହାବିଦ୍ୟାଳୟ ଖେଳ ପଡିଆ ଠାରେ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌର ପରିଷଦ ଏକା ଦଶ ଓ ଗଣ ମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ପୌର ପରିଷଦ ଏକାଦଶ ଓ ଗଜପତି ଜିଲ୍ଲା ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ୧୫ ଓଭର ସୀମିତ ମ୍ୟାଚରେ ଗଣ ମାଧ୍ୟମ ଏକାଦଶ ୯ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ପୌର ପରିଷଦ ଏକାଦଶ ବ୍ୟାଟିଂ କରିଥିଲେ। ସେମାନେ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୮୮ ରନ୍ କରିଥିଲେ। ତାର ଉତ୍ତରରେ ଗଣ ମାଧ୍ୟମ ଏକାଦଶ ୧ ୱିକେଟରେ ୮୯ ରନ୍ କରି ବିଜୟୀ ହୋଇଥିଲେ। ଗଣ ମାଧ୍ୟମ ପ୍ରତିନିଧି ଜ୍ଞାନରଞ୍ଜନ ଷଡ଼ଙ୍ଗୀ ସର୍ବାଧିକ ଅର୍ଦ୍ଧଶତକ ରନ୍ କରିଥିଲେ। ପୌର ଏକାଦଶ ତରଫରୁ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଏବଂ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ଖେଳିଥିଲେ ।ଶେଷରେ ଆରକ୍ଷୀ ଅଧୀକ୍ଷକ ସମସ୍ତ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଭୟ ମାନସିକ ଓ ଶାରିରୀକ ସ୍ତରରେ ସୁଦୃଢ଼ ଓ ସୁସ୍ଥ ରହିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ ଓ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଉପସ୍ଥିତ ଥିଲେ। ପୌର ପରିଷଦର ସମସ୍ତ କାଉନସିଲର ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଇ ପାଇଁ ରାକ୍ଷୀ ଟିଏ : ଉଦଳା ସେବା ସଙ୍ଗଠନର ନିଆରା ପ୍ରୟାସ



କପ୍ତିପଦା, (ମହାଭାରତ) : ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସେବା ସଂଗଠନର ସଦସ୍ୟ ମାନଙ୍କ ଦ୍ୱାରା ଭାରତଜ୍ୟୋତି ଦିବ୍ୟାଙ୍ଗ ସ୍ୱତନ୍ତ୍ର ବିଦ୍ୟାଳୟରେ କୁନି କୁନି ଦିବ୍ୟାଙ୍ଗ ପିଲାମାନଙ୍କ ସହିତ ଉଦଳା ସେବା ସଂଗଠନର ସଦସ୍ୟ ମାନେ ପବିତ୍ର ରାକ୍ଷୀ ବନ୍ଧନ କାର୍ଯକ୍ରମ ' ଟିକିଏ ହସ ଆମରି ପ୍ରୟାସ' କୁ ଅତ୍ୟନ୍ତ ନିଆରା ଓ ଆନନ୍ଦମୟ ପରିବେଶରେ ପାଳନ କରିଥଲେ। ସେବା ସଙ୍ଗଠନର ସକ୍ରିୟ ସଦସ୍ୟ ରମେଶ ଚନ୍ଦ୍ର ଖଣ୍ଡେଇଙ୍କ ଅକାଳ ବିୟୋଗରେ ସଦସ୍ୟ ମାନେ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ତାପରେ କୁନି କୁନି ପିଲାମାନେ ନିଜ ନିଜ ଭିତରେ ପରସ୍ପରକୁ ରାକ୍ଷୀବାନ୍ଧି ସ୍ନେହ ଶ୍ରଦ୍ଧାର ସହିତ ମିଠା ଖୁଆଇଥିଲେ। ଏମିତି ଭାବର ବନ୍ଧନକୁ ଆଉ ଟିକେ ଆକର୍ଷଣୀୟ କରିବା ପାଇଁ ସେମାନଙ୍କ ଗହଣରେ ଉପସ୍ଥିତ ହେଇଥିଲେ ଉଦଳା ଝଉଚଙ୍ଗ ଗୁକୁଳାନନ୍ଦ ସାହୁ । ଉଦଳା ସେବା ସଂଗଠନ ର ଏହା ଏକ ନିଆରା ପ୍ରୟାସ ବୋଲି ଏସଡିପିଓ କହିଥିଲେ !ଶିକ୍ଷକ ହିରଣ୍ୟ କୁମାର ବେହେରା ପବିତ୍ର ରାକ୍ଷୀ ବନ୍ଧନର ସ୍ମୃତିରେ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିବା ପାଇଁ ଏକ ବନ୍ଧନର ଗୀତ ଗାଇ ଭାବମୟ ପରିବେଶ ସୃଷ୍ଟି କରିଥିଲେ ।ସେବା ସଙ୍ଗଠନ ର ବରିଷ୍ଠ ସଦସ୍ୟ ବିଜୟ କମିଲା, ମାନସ ପାଣି, ବିରେନ୍ଦ୍ରନାଥ ମଢେଇ, ଗତିକୃଷ୍ଣ ମହାପାତ୍ର, ଉପଦେଷ୍ଟା ମନୋଜ କୁମାର ମହାନ୍ତି( ମୁନା ଭାଇ), ବସନ୍ତ ଲେଙ୍କା, କୁଞ୍ଜ ବିହାରୀ ଘୋଷ,ମାନସ ମହାନ୍ତି, ନରେଶ ବେହେରା, ଦୀପକ କୁମାର ମିଶ୍ର, ଶତ୍ରୁଘ୍ନ ବିଶ୍ୱାଳ, ସୁନାରାମ ସୋରେନ, ସଦସ୍ୟା ସୁଜାତା ଦାସ ଓ ଅନ୍ୟମାନେ ପ୍ରମୁଖ ସହଯୋଗ କରିଥିଲେ। ଭାରତ ଜ୍ୟୋତି ବିଦ୍ୟାଳୟ ର ପ୍ରିନ୍ସପାଲ ଭାଗ୍ୟଶ୍ରୀ ବାରିକ,ସୁନିତା ସେନା, ସୋନାଲି ଭୋଳ, ରଶ୍ମୀପ୍ରଭା ବେହେରା ଓ ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ !

## ହାତରେ ରାକ୍ଷୀ, ମନରେ ସଂକଳ୍ପ

ରାଇଘର (ମହାଭାରତ): ହାତରେ ରାକ୍ଷୀ, ମନରେ ସଂକଳ୍ପ । ନିଶାର ଅନ୍ଧକାରରୁ ଯୁବପିଢ଼ିକୁ ଦୂରେଇ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନର ବାର୍ତ୍ତା ନେଇ ରାଇଘର ପଞ୍ଚାୟତ ସମିତି କଲେଜ ପରିସରରେ ଆୟୋଜିତ ହୋଇଛି 'ସମ୍ବାଦ-ଆମ ଓଡ଼ିଶା'ର ନିଶା ନିବାରଣ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ।ରାଇଘର 'ସମ୍ବାଦ' ପ୍ରତିନିଧି ଦେବେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପରୀକ୍ଷିତ ସାହୁ, ଡ. ଦିନବନ୍ଧୁ ନନ୍ଦୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଧନଞ୍ଜୟ ମଲ୍ଲ , କେଶବ ପଟ୍ଟନାୟକ,ଜ୍ୟୋତି ସିଂ ରାଜପୁତ, କଳସ ସିଂ ରାଜପୁତ ଓ ପ୍ରଣବେଶ ଚିନ୍ତାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ସମ୍ପୂର୍ଣ୍ଣ ପରିବାର ଓ ସମାଜକୁ ପ୍ରଭାବିତ କରେ। ତେଣୁ ନିଶାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ସଚେତନ କରିବାକୁ ଉପସ୍ଥିତ ସମସ୍ତେ ଶପଥ ପାଠ କରିଥିଲେ ।ଏଥିସହ ରକ୍ଷାବନ୍ଧନ ଅବସରରେ ପରସ୍ପରଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇଚାରା, ସ୍ନେହ ଓ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା। ରାକ୍ଷୀର ଏହି ପବିତ୍ର ସୂତା କେବଳ ସମ୍ପର୍କର ବନ୍ଧନ ନୁହେଁ, ବରଂ ନିଶାମୁକ୍ତ ସମାଜ ଗଠନର ଏକ ଦୃଢ଼ ସଂକଳ୍ପର ପ୍ରତୀକ ପାଲଟିଥିଲା। "ନିଶାକୁ ନାଁ କହିବା, ନିଜ ଭବିଷ୍ୟତକୁ ହଁ କହିବା" ଏହି ବାର୍ତ୍ତା ସହ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଥିଲା।

## ବ୍ରହ୍ମାକୁମାରୀଜ୍ ବଡ଼ବିଲ ଶାଖା ଦ୍ୱାରା ଧୂମଧାମରେ ପାଳିତ ହେଲା ପବିତ୍ର ରାକ୍ଷୀବନ୍ଧନ ପର୍ବ

ଯୋଡା ୨୭/୦୮(ମହାଭାରତ) କେନ୍ଦୁଝର ଜିଲ୍ଲା ବଡ଼ବିଲ ଠାରେ ଆଜି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଡ଼ବିଲ ଶାଖା ତରଫରୁ ପବିତ୍ର ରାକ୍ଷୀବନ୍ଧନ ପର୍ବ ଅତ୍ୟନ୍ତ ଶ୍ରଦ୍ଧା, ପ୍ରେମ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମ ସଂସ୍ଥାର ବଡ଼ବିଲ ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀଙ୍କ କୁଶଳ ନେତୃତ୍ୱ ଓ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା, ଯେଉଁଥିରେ ସଂସ୍ଥାର ସମସ୍ତ ଭାଇ ଓ ଭଉଣୀମାନେ ନିଜର ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ଭଉଣୀମାନେ ଉପ-ଜେଲ୍ ପରିସରକୁ ଯାଇ ସମସ୍ତ କଏଦୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ଏବଂ ସେମାନଙ୍କ ସହ ଖୁସି ବାଣ୍ଟିଥିଲେ। ଭଉଣୀମାନେ କଏଦୀମାନଙ୍କୁ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ସନ୍ମାର୍ଗରେ ଚାଲିବା ପାଇଁ ପ୍ରେରଣା ଦେଇଥିଲେ। ଓଏମ୍ସି (ଡଂଗଉ) ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟରେ ଯାଇ ପିଲାମାନଙ୍କୁ ରାକ୍ଷୀ ବନ୍ଧାଯାଇଥିଲା ଏବଂ ସେମାନଙ୍କୁ ପବିତ୍ରତା ଓ ଶ୍ରେଷ୍ଠ ସଂସ୍କାରର ମହତ୍ତ୍ୱ ବୁଝାଯାଇଥିଲା। ତହସିଲଦାର ସାହେବ, ଏସଡିପିଓ ସାହେବ, ବଡ଼ବିଲ ଥାନା ଆଇଆଇସି (ଇନ୍ସପେକ୍ଟର ଇନ୍-ଚାର୍ଜ) ସ୍ଥାନୀୟ ଡାକ୍ତରଖାନାର ଡାକ୍ତର ଓ ନର୍ସମାନଙ୍କୁ ରାକ୍ଷୀ ବାନ୍ଧି ସେମାନଙ୍କ ସେବା ପାଇଁ ଶୁଭକାମନା ଜଣାଯାଇଥିଲା। ?ଓଏମ୍ ?ସି (ଡଂଗଉ) ମୁଖ୍ୟାଳୟ: ଓଏମ୍ ?ସିର ବଡ଼ବିଲସ୍ଥିତ ମୁଖ୍ୟାଳୟରେ ମଧ୍ୟ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାକ୍ଷୀ ବନ୍ଧାଯାଇଥିଲା।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଲାଞ୍ଜିଗଡ,(ମହାଭାରତ):** ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗାଁ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ବିଜେପୁର ଗ୍ରାମର ରଥ ଦଳେଇ (୪୬) ଅଟେ ଓ ସୂଚନାନୁସାରେ ରଥ ଘର ବିଜେପୁର ଗାଁରେ ଅଟେ ଏବଂ ସେ ଦୀର୍ଘ ଦଶବର୍ଷ ହେବ ରଘୁନାଥପୁର ଗାଁରେ ଶଶୁର ଘର ନିକଟରେ ପରିବାର ସହିତ ରହୁଥିଲେ ଏବଂ ରାଜମିସ୍ତ୍ରୀ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମଙ୍ଗଳବାର ରାତିରେ ରଥ ଘରୁ ବାହାରି ପୋଖରୀକୁ ଯାଇଥିଲେ ଏବଂ ଘରକୁ ଫେରିନଥିଲେ । ବୁଧୁବାର ସକାଳୁ ସେହି ଗ୍ରାମର ଜଣେ ଲୋକ ପୋଖରୀକୁ ଗାଧୋଇବାକୁ ଯିବା ସମୟରେ ପୋଖରୀରେ ଏକ ମୃତ ଦେହ ଭାସୁଥିବା ଦେଖିଥିଲେ ଏବଂ ଗାଁ ଭିତରକୁ ଯାଇ ଗାଁ ଲୋକଙ୍କୁ ଜଣାଇଥିଲେ । ଗାଁ ଲୋକେ ପୋଖରୀକୁ ଯାଇ ଭାସୁଥିବା ଅବସ୍ଥାରେ ଶବ ଦେଖିବା ପରେ ରଥ ଦଳେଇ ବୋଲି ଜାଣିବା ପରେ ଲାଞ୍ଜିଗଡ ପୋଲିସକୁ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଲାଞ୍ଜିଗଡ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏ.ଏସ.ଆଇ ମୋହନ କୁମାର ପରଜା ଓ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଦଳ ମଧ୍ୟ ସେଠାରେ ପହଞ୍ଚିଥିଲେ ଏବଂ ବିଜେପୁରରୁ ପରିବାର ଲୋକେ ମଧ୍ୟ ଆସି ପହଞ୍ଚିଥିଲେ ଓ ଅଗ୍ନିଶମ ବିଭାଗ ଦ୍ୱାରା ପୋଖରୀରେ ଭାସୁଥିବା ଶବକୁ ପାଣିରୁ ବାହାରକରି କୂଳକୁ ଆଣିଥିଲେ। ଲାଞ୍ଜିଗଡ ପୋଲିସ ତଦନ୍ତ କରି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠାଇଥିଲେ ।ଓ ଏ ନେଇ ଲାଞ୍ଜିଗଡ ଥାନା କେଶ ନଂ ୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ପରିବାର ଲୋକେ ଶବ ଗ୍ରହଣ କରି ବିଜେପୁର ଗାଁକୁ ନେଇଥିଲେ ଏବଂ ନେଇ ଗାଁ ଶୋକାକୁଳ ପରିବେଶରେ ଗାଁ ସ୍ମଶାନରେ ଦାହ କରିଥିଲେ । ପରିବାରର ଜଣେ ରୋଜଗାରିଆ ମୁରବୀଙ୍କ ଦେହାନ୍ତ ହୋଇଥିବା ବେଳେ ପୁଅ ଦଶମ ଶ୍ରେଣୀରେ ପଢୁଛି ଏବଂ ପରିବାର ବେସାହାରା ହୋଇଯାଇଥିବା ବେଳେ ମା ଓ ପୁଅ ଓ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି ।

## ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳରେ ଥମୁନି ଜଙ୍ଗଲୀ ହାତୀଙ୍କ ଉପଦ୍ରବ

**ଲାଞ୍ଜିଗଡ,(ମହାଭାରତ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ,ମୁସାନାଲ ବିଟ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ହେବାରେ ଲାଗିରହିଛି । ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି ହାତୀପଲ ।ଏହି ଭଳି ଏକ ଅଭାବନୀୟ ଘଟଣା ଘଟିଛି ମୁସାନାଳ ସେକ୍ସନ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଲଡାଙ୍ଗ ଗାଁ ରେଦେଖିବାକୁ ମିଳିଛି । ସୂଚନା ମତେ ଲାଞ୍ଜି ପଂଚାୟତ ଅନ୍ତର୍ଗତ ଲଡାଙ୍ଗ ଗାଁର ସୁଧୀର ହରିଜନ ଙ୍କ ଘର ଭାଙ୍ଗିଛୀନ ଛତର କରିଦେଇଥିବା ଜଣା ପଡିଛି ।ହେଲେ ବୁଧବାର ବାର ବିଳମ୍ବିତ ରାତିରେ ଦାନ୍ତା ହାତୀ ପଲ ରାହୁଲ ଧଡେଲ ଜଙ୍ଗଲରୁ ଗାଁ ମୁହାଁ ହୋଇ ଏହି ଭଳି ବର୍ବରତା କାଣ୍ଡ ଘଟାଇ ଥିଲେ । ଗର୍ଜନ ଶୁଣି ପରିବାର ଲୋକେ ଜୀବନ ବଞ୍ଚାଇ ବା ବିକଳରେ ଘର ଛାଡି ନିକଟସ୍ଥ ପୋଡ଼ସୀ ଘରେ କୁ ପଳାଇବାରୁ ଅଳ୍ପକେ ବର୍ତ୍ତୀ ଯାଇଥିଲେ ହେଲେ ସକାଳୁ ଘରକୁ ଆସିକି ଦେଖିଲା ବେଳକୁ ଏପଟେ ସର୍ବସ୍ୱାନ୍ତ ଭାଙ୍ଗିବା ସହିତ ଧାନ,ଚାଉଳ, ମାଣ୍ଡିଆ, ବିରି ଓ ଆସବା ପତ୍ରକୁ ମାଡି ଚକଟି ଦେଇଥିବା ଦେଖିବାକୁ ମିଳିଛି ଲଘାଟଣା ସ୍ଥଳକୁ ବନଭିଭାଗର କର୍ମଚାରି ମାନେ ଯାଇ କ୍ଷୀୟକ୍ଷତି ଆକଳନ କରିଥିବା ଜଣାପଡ଼ିଛି । ବର୍ତମାନ ହାତୀପଲ ଗାଁ ନିକଟରେ ଥିବା ଜଙ୍ଗଲ ରହିଥିବା ନେଇ ଗ୍ରାମ ବାସୀଙ୍କ ପକ୍ଷ ରୁ ଅଭିଯୋଗ ହଉଅଛି । ତେବେ ଉକ୍ତ ଅଞ୍ଚଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କ୍ଷତିଗ୍ରସ୍ତ ପରି ବାର କୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ଆକୁଳ ନିବେଦନ କରିଛନ୍ତି ।

## ଶ୍ରୀଗୋପାଳଜୀଉଙ୍କ ଝୁଲଣଯାତ୍ରା


**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡ଼ା ବ୍ଲକର ଲାହାଖଣ୍ଡ ଭରତପୁର ଗ୍ରାମ ମକ୍କଦମ ପରିବାରର କୁଳଦେବତା ପ୍ରଭୁ ଶ୍ରୀଗୋପାଳଜୀଉଙ୍କ ଝୁଲଣ ଯାତ୍ରା ମହା ଆଡମ୍ବରରେ ପାଳିତ ହେଉଛି। ଶ୍ରୀଜୀଉଙ୍କ ମନ୍ଦିରରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜକ ସରୋଜକାନ୍ତ ପତିଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜ୍ଜିତ କରାଯାଇ ଝୁଲଣ ମଣ୍ଡପକୁ ବିଜେ କରାଯାଇଥିଲା। ଶ୍ରୀଜୀଉଙ୍କୁ ଝୁଲଣ ମଣ୍ଡପକୁ ବିଜେ କରାଯିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇ ଆଳତୀ ଓ ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଝୁଲଣଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ ଜମୁଛି। ଶ୍ରୀଜୀଉଙ୍କ ଏହି ଝୁଲଣଯାତ୍ରା ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଭଜନ, ଜଣାଣ ଓ କୀର୍ତ୍ତନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଶ୍ରୀଜୀଉଙ୍କ ଦାୟିତ୍ୱରେ ଥିବା ଅବସରପ୍ରାପ୍ତ ଆଇନୀ ଅଧିକାରୀ ପ୍ରବୋଧ କୁମାର ଦାସ ସୂଚନା ଦେଇଛନ୍ତି।

## ସୁନାଫୁଲ ଶିଶୁ କିଶୋର ମେଳା ଓ ଗଙ୍ଗାଧର ମେହେର ଜୟନ୍ତୀ



**ରାଉରକେଲା,(ମହାଭାରତ):** ସୁନାଫୁଲ ସାହିତ୍ୟ ସଂସଦ ତରଫରୁ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ସୁନାଫୁଲ ଶିଶୁ କିଶୋର ମେଳା, ଗଙ୍ଗାଧର ମେହେର ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ରକ୍ଷାବନ୍ଧନ, ନୃତ୍ୟ, ସଂଗୀତ ପରିବେଷଣ ସହ କୁନିକୁନି ପିଲାମାନଙ୍କ ଦ୍ୱାରା ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ କରା ଯାଇଥିଲା। ସଂସଦର ସଭାପତି ମହେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ସୁନିଲ କୁମାର ମହାନ୍ତିଙ୍କ ଆବାହକତ୍ୱ ଓ ସାଂସ୍କୃତିକ ସମ୍ପାଦିକା ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଘୁନାଥପାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୁଦାମ ଚରଣ ଦାଶ, ସମାଜସେବୀ ଇଂ ଅଭୟ କୁମାର ଦାସ, ଅଶୋକ କୁମାର ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ସହ ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନ୍ତି ଓ ମୁଖ୍ୟବକ୍ତା ଭାବେ କବି ରାଜୀବ ପାଣି ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ଅନୁଷ୍ଠାନର ଏଭଳି ଆଗାମୀ ପିଢ଼ି ପାଇଁ କରୁଥିବା କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ ।ଏହି ଅବସରରେ ଅନୁଷ୍ଠାନ ତରଫରୁ ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ରାକ୍ଷୀ ବନ୍ଧନ ସହ ମିଷ୍ଟାନ୍ନ ରେ ଆପ୍ୟାୟିତ କରାଯାଇଥିଲା। ସେହିପରି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ମାନେ ଗଙ୍ଗାଧରଙ୍କ ଜୀବନାଦର୍ଶ, ସହ ସଂଗୀତ ଓ ସୁଶ୍ରୀ ଅଶିଂତା ବିଶ୍ୱାଳ,ଶୁଭଲକ୍ଷ୍ମୀ ବେହେରା, ସାଇଚିତ୍ରା ସାହୁ, ସଂଗୀତା ରାଉତ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ।

## ଆସିକା ବାସୀ ସାବଧାନ: ଖାଉଛନ୍ତି କି କ୍ଷୀର,ଖୁଆ,ପନିର, ମିଠା !



ଅ ା ସ ି କ ା (ମହାଭାରତ):ରାଜ୍ୟରେ ମିଠା,ଖୁଆ, ଦହି,ପନିର,ଘିଅର ଅପମିଶ୍ରଣ ଏକ ପ୍ରମୁଖ ଘଟଣା ହୋଇଥିଲା ବେଳେ ଆସିକାରେ ମଧ୍ୟ ଏହାର ପ୍ରଭାବ କମ ନୁହଁ। ଆସିକା ଗଞ୍ଜାମ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାର ଏକ ସର୍ବପୁରାତନ ସହର ଏହି ସହର ଉପରେ ଆସିକା ମୁନ୍ସିପାଲଟିର ୨୨ଟି ୱାର୍ଡ, ଆସିକା ବ୍ଲକର ୨୨ଟି ପଞ୍ଚାୟତ ତଥା ଏହାର ପଡୋଶୀ ବ୍ଲକର ଜନସାଧାରଣ ଆସିକା ଉପରେ ନିର୍ଭର କରନ୍ତି ।କୌଣସି ପର୍ବ ପର୍ବାଣୀରେ ଯେପରି ରାକ୍ଷୀ ପୁର୍ଣିମା, ଦୀପାବଳୀ, ଦଶହରା, କୁମାରପୂର୍ଣ୍ଣିମା ନୂଆବର୍ଷ, ଗଣେଷ ପୂଜା ଆଦି ବିଭିନ୍ନ ପର୍ବରେ ମିଠାର ଚାହିଦା ଅଧିକ ରହିଥାଏ ।ଏହାର ଫାଇଦା ଉଠାଇଥାନ୍ତି କିଛି ଅସାଧୁ ବ୍ୟବସାୟୀ। ଆସିକାରେ ମିଠା, ଦହି, ପନିର, ଖୁଆ,ଘିଅର ବହୁଳ ବ୍ୟବହାର ହେଉଥିଲା ବେଳେ ଅସାଧୁ ମୁନାଫା ଖୋର ବ୍ୟବସାୟୀ ଏହି ସବୁ ଖାଦ୍ୟରେ ବହୁଳ ଅପମିଶ୍ରଣ କରୁଥିବା ଜଣାଯାଇଛି। ଆସିକାକୁ ନିକଟସ୍ଥ ଗ୍ରାମ ଗୁଡିକରୁ ଦୈନିକ ଅବାଧରେ ଶହ ଶହ କିଲୋ କ୍ଷୀର, ଛେନା ଖୁଆ, ପନିର, ଦହି ଆସୁଥିଲା ବେଳେ ପ୍ରଶାସନ ପକ୍ଷରୁ ଏହାର କୌଣସି ପ୍ରକାର ନମୁନା ପରୀକ୍ଷଣ କରାଯାଉନାହିଁ। ଆସିକା ନିକଟ ଗ୍ରାମ ଗୁଡିକରେ ନାମକୁ ମାତ୍ର ଅଳ୍ପ ସଂଖ୍ୟକ ଗାଈ ମଇଁଷି ରଖି ସେମାନେ ମଧ୍ୟ କ୍ଷୀର, ପନିର, ଦହି ରେ ଅପମିଶ୍ରଣ କରି ଶହ ଶହ ଲିଟର କ୍ଷୀର ଦହି, ଶହ ଶହ କିଲୋ ପନିର, ଖୁଆ ଅବାଧରେ ଆସିକାର ବିଭିନ୍ନ ହୋଟେଲକୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି ।ଏହି ଅପମିଶ୍ରିତ କ୍ଷୀର,ପନିର, ଖୁଆ ରୁ ଶହ ଶହ କୁଇଣ୍ଟାଲ ମିଠା ତିଆର କରି ହୋଟେଲରେ ବିକ୍ରି କରାଯାଉଥିଲା ବେଳେ ଏହି ବାସି ଅପମିଶ୍ରିତ ମିଠାର ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କେବେବି ଯାଞ୍ଚ କରାଯାଉନାହିଁ ।ଏହି ମିଠା ଦୋକାନରେ ବିଭିନ୍ନ ଫୁଡ କଲର, ବାସୀ ଖୁଆ, ଛେନା ବ୍ୟବହାର କରି ମିଠା ତିଆରି କରୁଥିଲା ବେଳେ ଏମାନଙ୍କ ଉପରେ କେବେବି ଯାଞ୍ଚ କରାଯାଉନାହିଁ। ଯାହାଫଳରେ ଏହି ଅସାଧୁ ବ୍ୟବସାୟୀ ଅଞ୍ଚଳ ବାସୀଙ୍କୁ ମିଠା ନାମରେ ଜହର ବିକ୍ରି କରୁଛନ୍ତି ।ପ୍ରକାଶ ଥାଉକି ନୟାଗଡ଼ ଜିଲ୍ଲା ନୟାଗଡ଼ ,ଓଡଗାଁ ,ମାଛିପଡ଼ା , ଶରଣକୁଳ,ଇଟାମାଟି,କଲ୍ୟାଣପୁର,, ମହୀପୁର, ଗଞ୍ଜାମ ବାଲିଶିରା, ଇନ୍ଦନପୁର ଆଦି ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଆଇନକୁ ଖୋଲା ଖୋଲି ଉଲଂଘନ କରି ଦୈନିକ ଶହ ଶହ କୁଇଣ୍ଟାଲ ମିଠା, ଖୁଆ, ଛେନା ମିଠା, ଛେନାପୋଡ଼ ତିଆରି କରି ଏହି ଅପମିଶ୍ରିତ ମିଠା ସରକାର ଙ୍କୁ ହଜାର ହଜାର ଟଙ୍କା ଟେକ୍ସ ଫାଙ୍କି ବିଭିନ୍ନ ବସ,ଛୋଟ ଛୋଟ କଣ୍ଟେନର ଗାଡ଼ିରେ ଆଣି ଆସିକା ର ବିଭିନ୍ନ ହୋଟେଲରେ କମ ଦରରେ ବିକ୍ରି କରିଥାନ୍ତି। ଏହି ଅପମିଶ୍ରିତ ମିଠାକୁ ଏହି ଅସାଧୁ ବ୍ୟବସାୟୀ ମାନେ ଦୁଇ ଗୁଣ ଚଢ଼ା ଦରରେ ଗ୍ରାହକଙ୍କୁ ମିଠା ଜହର ବିକ୍ରି କରି ବେଶ ଲାଭବାନ ହେଉଛନ୍ତି। ତୁରନ୍ତ ଏଦିଗରେ ଦୃଢ଼ ପଦକ୍ଷେପ ନେଇ ଏହି ବେଆଇନ ମିଠା ବ୍ୟାପରୀଙ୍କ ଉପରେ ରୋକ ଲଗାଇବା ସହ ଦୃଢ଼ ପଦକ୍ଷେପ ନେବ ପାଇଁ ଅଞ୍ଚଳ ବାସି ତଥା ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ଛୁରା ମାଡ଼ ଘଟଣା ରେ ଦୁଇ ଅଭିଯୁକ୍ତ ଗିରଫ

ଯୋଡା,(ମହାଭାରତ) ଯୋଡା ଥାନା ଅନ୍ତର୍ଗତ କମାର ଯୋଡା ମେରିଅଟ ହୋଟେଲ ପାଖରେ ରାସ୍ତା କଡ଼ରେ ଠିଆ କରି ଟ୍ରକ୍ ଡ୍ରାଇଭର କୁ ଛୁରା ମାଡ଼ ଘଟଣାର ତଦନ୍ତ କରି ପୋଲିସ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରିଛି ।ଗିରଫ ଅଭିଯୁକ୍ତ ମାନେ ହେଲେ ବିଛକୁଣ୍ଡି ଅଞ୍ଚଳର ଆକାଶ କୁମାର ବାରିକ ଓ ତାରିଣୀ ପ୍ରସାଦ । ସୂଚନାଯୋଗ୍ୟ ଯେ,ଟ୍ରକ୍ ନଂ ଓ ଡି ୧୬ ଏଚ ୯୫୫୯ ର ଡ୍ରାଇଭର ସୁନିଲ କୁମାର ଯେ, ଗତ ଶନିବାର ରାତି ପ୍ରାୟ ୧.୩୦ ମିନିଟ ସମୟରେ ଖଣିଜ ବୋଝେଇ କରି ରାଉରକେଲା ଅଭିମୁଖେ ଖଲାସ କରିବାକୁ ଯାଉଥିବା ବେଳେ ଉକ୍ତ ରାସ୍ତା କଡ଼ରେ ପରିସ୍ରା କରିବାକୁ ଠିଆ କରୁଥିବା ସମୟରେ ଅତର୍କିତ ଭାବେ ଦୁଇ ଜଣ ମୁଖା ପିନ୍ଧି ଥିବା ଯୁବକ ବାଇକ୍ ରେ ଆସି ଡ୍ରାଇଭର ସୁନୀଲ କୁମାର ଙ୍କୁ ଆକ୍ରମଣ କରି ସେଠାରୁ ଚାଲି ଯାଇଥିଲେ ।ଲହୁ ଲୁହାଣ ହୋଇ ଡ୍ରାଇଭର ନିଜ ମୋବାଇଲ ଫୋନ ରୁ ୧୧୨ କୁ କଲ କରିଥିଲେ ।ଘଟଣା ସ୍ଥଳରେ ତୁରନ୍ତ ପୋଲିସ ପହଂଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତର ଖାନା କୁ ନେଇ ଥିଲେ ।ଏ ନେଇ ଯୋଡା ଥାନାରେ କେସ ନଂ ୩୦୦/୨୬ ଦଫା ୧୦୯(୧) ରୁଜୁ କରାଯାଇ ଅଭିଯୁକ୍ତ ଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇ ଥିବା ଥାନା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି ।

## ଧୂମଧାମରେ ପାଳିତ ହେଲା ରକ୍ଷା ବନ୍ଧନ

**ଗଣିଆ,(ମହାଭାରତ):**ପବିତ୍ରରକ୍ଷା ବନ୍ଧନ ଓ ଗମ୍ହା ପୂର୍ଣ୍ଣିମା ଉପଲକ୍ଷେ ଗଣିଆ ବ୍ଲକର ବିଭିନ୍ନ ଗ୍ରାମ ଓ ଛକ ବଜାରରେ ପାରମ୍ପରିକ ଲୋକ ଉତ୍ସବ 'ଗମ୍ହା ଡିଆଁ' ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇଥିଲା । ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଭାଇ ଭଉଣୀ ର ବନ୍ଧନ କୁ ସ୍ନେହ ଓ ପ୍ରେମ ରେ ବାନ୍ଧି ରଖିବା ପାଇଁ ଭଉଣୀ ମାନେ ପ୍ରଭାତ ସମୟରେ ଭାଇ ମାନଙ୍କୁ ମିଠା ଖୁଆଇ ହାତରେ ରାଖୀ ବାନ୍ଧିଥିଲେ । ସମସ୍ତ ଙ୍କ ପରିବାରରେ ଏକ ଭାତୃତ୍ୱ ଭାବର ଆଦାନ ପ୍ରଦାନ ହେଖିବାକୁ ମିଳିଥିଲା ଅନୁରୂପ ଭାବେ ଭାଇ ମଧ୍ୟ ଭଉଣୀ କୁ ମିଷ୍ଟାନ ଉପହାର ଦେଇ ଖୁସି ମନାଇଥିଲେ।

## ଏସପିଙ୍କ କାର୍ଯ୍ୟାଳୟରେ ପୋଲିସ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଲେ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ



**କେନ୍ଦ୍ରାପଡ଼ା,:**ପବିତ୍ର ରକ୍ଷାବନ୍ଧନ ଅବସରରେ କେନ୍ଦ୍ରାପଡା ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଏକ ନିଆରା ଓ ଭାବପୂର୍ଣ୍ଣ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ଏସ୍‌ପି ଓ ଡିଏସ୍‌ପିଙ୍କ ସମେତ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ।ଏହି ଅବସରରେ ଛାତ୍ରୀମାନେ ପୋଲିସ କର୍ମଚାରୀଙ୍କୁ ଭାଇ ଭାବେ ସମ୍ମାନ ଜଣାଇ ସେମାନଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। ଅନ୍ୟପକ୍ଷରେ ସମାଜର ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ପାଇଁ ପୋଲିସ ବାହିନୀ ନିରନ୍ତର କରୁଥିବା ସେବା ପାଇଁ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା ।ରକ୍ଷାବନ୍ଧନ କେବଳ ଭାଇ-ଭଉଣୀର ସମ୍ପର୍କର ପର୍ବ ନୁହେଁ, ବରଂ ପରସ୍ପର ପ୍ରତି ସ୍ନେହ, ସମ୍ମାନ, ସୁରକ୍ଷା ଓ ଦାୟିତ୍ୱର ପ୍ରତୀକ। ଛାତ୍ରୀମାନଙ୍କ ଏହି ପଦକ୍ଷେପ ମାଧ୍ୟମରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ସ୍ନେହ ଓ ବିଶ୍ୱାସର ସମ୍ପର୍କ ଆହୁରି ଦୃଢ଼ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳଙ୍କ ସହ ସୁପ୍ରିୟା ବେହେରା, ଶାଶ୍ୱତୀ ଦାସ ଓ ଦୁର୍ଗେଶ୍ରୀ ବେହେରା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସହଯୋଗ କରିଥିଲେ। ଡିଏଭି ପବ୍ଲିକ ସ୍କୁଲର ଏହି ଅଭିନବ ପ୍ରୟାସକୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମଟି ସମସ୍ତଙ୍କ ମଧ୍ୟରେ ଭାଇଚାରା, ସ୍ନେହ ଓ ସାମାଜିକ ଦାୟିତ୍ୱର ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲା।

## ଦନ୍ତା ହାତୀ ଆକ୍ରମଣରେ ୧୫ ବର୍ଷୀୟା ନାବାଳିକା ମୃତ

**ପରଜଙ୍ଗ,(ମହାଭାରତ):** ରେଷ୍ଟ ସେକ୍ସନ ଅନ୍ତର୍ଗତ ସରକିଶୋରପାଳ ଗାଁରେ ଅଭାବନୀୟ ଘଟଣା। ଗତ ତା ୨୬. ୮. ୨୬ ରିଖ ରାତ୍ରୀ ଦନ୍ତା ହାତୀ ଆକ୍ରମଣରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ହୋଇଛି ।ମୃତ ନାବାଳିକା ହେଲେ ଦଦରାଘାଟି ଫରେଷ୍ଟ ସେକ୍ସନ ମାଣିକମରା ପଞ୍ଚାୟତ ଅନ୍ତର୍ଗତ ସରକିଶୋରପାଳ ଗାଁର ବିଷ୍ଣୁ ନାଏକଙ୍କ ଝିଅ ଦେବଯାନୀ ନାଏକ। ସୂଚନା ଅନୁସାରେ, ଦେବଯାନୀ ବିଳମ୍ବିତ ରାତିରେ ପରିଶ୍ରା ପାଇଁ ଘର ସାମ୍ନାକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା ।ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଦେବଯାନୀଙ୍କୁ ପ୍ରଥମେ ତାଳଚେର ମଣ୍ଡାପାଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅନୁଗୁଳ ଏବଂ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଦେବଯାନୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।ଘଟଣା ପରେ ସରକିଶୋରପାଳ ଗାଁରେ ହାତୀ ଆତଙ୍କ ଦେଖାଦେଇଛି। ଗାଁ ନିକଟରେ ହାତୀ ଚଳପ୍ରଚଳକୁ ନେଇ ଲୋକମାନେ ଭୟଭୀତ ଥିବା ବେଳେ ହାତୀ ଘଉଡ଼ାଇବା ସହ ହାତୀମାନଙ୍କ ଗତିପଥ ଉପରେ ନଜର ନ ରଖୁଥିବାରୁ ଏହିପରି ଦୁର୍ଦ୍ଦଶା ଘଟୁଛି ଏନେଇ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଦଶପଲ୍ଲାରେ ହିନ୍ଦୁ ସଂଘର୍ଷ କମିଟିର ସାଙ୍ଗଠନିକ କାର୍ଯ୍ୟକ୍ରମ

**ଦଶପଲ୍ଲା,(ମହାଭାରତ):**ହିନ୍ଦୁ ସଂଘର୍ଷ କମିଟି, ଓଡ଼ିଶା ପକ୍ଷରୁ ଦଶପଲ୍ଲାଠାରେ ଏକ ସାଙ୍ଗଠନିକ ସଭା ଆୟୋଜିତ ହୋଇଥିଲା। ନୟାଗଡ଼ ଜିଲ୍ଲା ସଭାପତି ପ୍ରତୀକ ପ୍ରିୟଦର୍ଶୀ (ଭିକି)ଙ୍କ ତତ୍ତ୍ୱାବଧାନରେ ସଭାର ଆୟୋଜନ ଓ ପରିଚାଳନା କରାଯାଇଥିଲା ।ଏହି ସଭାରେ ହିନ୍ଦୁ ସଂଘର୍ଷ କମିଟିର ଓଡ଼ିଶା ସଭାପତି ପୁପୁନ ସାହୁ, ଓଡ଼ିଶା ସମ୍ପାଦକ ସଂଗ୍ରାମ ପାତ୍ର, ଓଡ଼ିଶା ମହିଳା ସଭାନେତ୍ରୀ ଶ୍ୱେତସାଲୋନୀ ମହାନ୍ତି ଏବଂ ଓଡ଼ିଶା ମହିଳା ସମ୍ପାଦିକା କନକଲତା ଜେନା ଅତିଥି ଭାବେ ଯୋଗଦେଇଥିଲେ ।ସଭାରେ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ, ଆଗାମୀ ଦିନର ସାଙ୍ଗଠନିକ ରଣନୀତି ଏବଂ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ନୟାଗଡ଼ ଜିଲ୍ଲା ସମେତ ଦଶପଲ୍ଲା ଅଞ୍ଚଳର ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ସଭାକୁ ସଫଳ କରିବା ସହିତ ଦଶପଲ୍ଲା ଏନ ଏ ସି ଏବଂ ବ୍ଲକ ସ୍ତରରେ ସଭାପତି ଓ ସମ୍ପାଦକ ଚୟନ କରାଯାଇଥିଲା।

## ଆନନ୍ଦମାର୍ଗ ରିଲିଫ ଟିମ ପକ୍ଷରୁ ୨ୟଥର ରିଲିଫ ପ୍ରଦାନ



**କେନ୍ଦ୍ରାପଡ଼ା,:**ବ୍ରାହ୍ମଣୀ, ଖରସ୍ରୋତା, ଓ କାଣୀ ନଦୀ ଦ୍ୱାରା ଲଗାତର ଭାବେ ଦୁଇଥର ବନ୍ୟା ଯୋଗୁଁ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ଅନେକ ପଞ୍ଚାୟତକୁ ଜଳାର୍ଣ୍ଣବ କରିରଖିଛି। ସେଥିମଧ୍ୟରୁ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଗ୍ରାମର ଜେନାସାହି, ତରଡିପାଳ ପଞ୍ଚାୟତର ଦାସ ସାହି, ମଳିକ ସାହି ଓ ନାଥ ସାହିର ଲୋକମାନେ ସମ୍ପୂର୍ଣ୍ଣ ଜଳବନ୍ଦୀ ମଧ୍ୟରେ ଅଛନ୍ତି। ଗତ ସପ୍ତାହେ ହେବ ରିଲିଫ୍ ସାମଗ୍ରୀ ଯଥା ଅଟା, ଚୁଡା, ଆଳୁ, ବିସ୍କୁଟ, ମହମବତୀ , ଦିଆସିଲି ଇତ୍ୟାଦି ସହିତ ଆନନ୍ଦମାର୍ଗର ସଦସ୍ୟ ମାନେ ବିଭିନ୍ନ ପର୍ଯ୍ୟାୟରେ ଜଳବନ୍ଦୀ ସ୍ଥାନକୁ ଡଙ୍ଗା ସାହାଯ୍ୟରେ ପହଞ୍ଚି ପ୍ରାୟ ୩୦୦ ପରିବାରର ଲୋକମାନଙ୍କୁ ରିଲିଫ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅବଧୂତିକା ଆନନ୍ଦ ସୁଧୀରା ଆଚାର୍ଯ୍ୟା, ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତ, ଆଚାର୍ଯ୍ୟ ନଟବର ବେହେରା, ବରିଷ୍ଠ ଆନନ୍ଦ ମାର୍ଗୀ ହର୍ଷବର୍ଦ୍ଧନ ଲେଙ୍କାଙ୍କ ସମେତ ଅନ୍ୟ ସଦସ୍ୟ ଗଣେଶ ପରିଡ଼ା, ପରାସର, ସୁନୀତା, ରାଜକିଶୋର ଓ ସତ୍ୟଜିତ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

### ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହେଲା ଶ୍ରାବଣ ମାସ

## ୩୪ ଲକ୍ଷରୁ ଅଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କଲା ଓଡ଼ିଶା ପୋଲିସ

**କଟକ,:**ପବିତ୍ର ଶ୍ରାବଣ ମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟାତ ଓ ଶୃଙ୍ଖଳିତ ଭିଡ଼ ପରିଚାଳନା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରାବଣ ମାସର ଚାରିଟି ସୋମବାରରେ ୩୫ଟି ପୋଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଛନ୍ତି ।ଉଲ୍ଲେଖ ଯୋଗ୍ୟ ଯେ, ଶ୍ରାବଣ ମାସକୁ ଦୃଷ୍ଟିରେ ରଖି ସୁରକ୍ଷା, ଭିଡ଼ ଓ ଯାତାୟାତ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମେଳା ସମୟରେ କୌଣସି ଅଞ୍ଚଳରେ ବଡ଼ଧରଣର ଆଇନଶୃଙ୍ଖଳା ସମସ୍ୟା କିମ୍ବା ଦଳାଚକଟା ଭଳି ଅଘଟଣ ଘଟିନଥିଲା ।ଚଳିତ ବର୍ଷ ଭକ୍ତ ସମାଗମକୁ ଆଧାର କରି ବିଭିନ୍ନ ଶୈବପୀଠରେ ଆବଶ୍ୟକତାନୁସାରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ବଲାଙ୍ଗୀର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଥିବା ଶୈବ ପୀଠ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦ୍ରାଞ୍ଚଳ,କଟକ ଅଧୀନରେ ଲୋକନାଥ ଦେବ, ଯୋଡ଼ଲିଙ୍ଗ ଶିବ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା। ସେହିପରି ରାଜ୍ୟର ରେଞ୍ଜରେ ଭକ୍ତଙ୍କ ସମାଗମ ଅନୁଯାୟୀ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।ପ୍ରତ୍ୟେକ ଶ୍ରାବଣ ସୋମବାର ପୂର୍ବରୁ କମିଶନରେଟ୍ ? ପୋଲିସ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଗୁଆ ଯାତାୟତ ପରାମର୍ଶ ଜାରି କରାଯାଇଥିଲା। ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡ଼କୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୁଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା। ପ୍ରମୁଖ ମନ୍ଦିରଗୁଡ଼ିକରେ ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିଡ଼ ନିୟନ୍ତ୍ରଣ ଦଳ, କୁଇକ୍ ରେସପନ୍ସ ଟିମ୍ କୁ ସଜାଗ ରଖାଯାଇଥିଲା ।ମହିଳା, ବରିଷ୍ଠ ନାଗରିକ, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରମୁଖ ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ଓ ସହାୟତା ବ୍ୟବସ୍ଥା କରାଯାଇଥିଲା। ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ଼ କରାଯାଇଥିଲା। ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ।ଶ୍ରାବଣ ମେଳା ପରିଚାଳନାରେ ନିର୍ଦ୍ଧାରିତ ପରିଚାଳନା ନୀତିକୁ ଅନୁସରଣ କରାଯିବା ସହ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ, ସୂଚନା ଆଦାନପ୍ରଦାନ ଯୋଗୁଁ ସମଗ୍ର ମେଳା ପରିଚାଳନା ସୁଚାରୁ ଭାବେ ସମ୍ପନ୍ନ ହୋଇପାରିଥିଲା। ସୁଚିନ୍ତିତ ଯୋଜନା, ବିଭିନ୍ନ ରେଞ୍ଜ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଶ୍ରାବଣ ମାସ ଶୃଙ୍ଖଳିତ ଭାବେ ସମାପ୍ତ ହୋଇଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ମତବ୍ୟକ୍ତ କରିଛନ୍ତି । ଏହି ଅଭିଯାନରେ ସୂଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରିଥିବା ସମସ୍ତ ରେଞ୍ଜର ଅଧିକାରୀ, ପୋଲିସ ଜିଲ୍ଲାର ଏସ୍ ?ପି ଏବଂ ସେମାନଙ୍କ ସମଗ୍ର ଟିମ୍ ?କୁ ସାଧୁବାଦ ଜଣାଇଛନ୍ତି।



# ନେପାଳ ବନ୍ୟା ବୀଭିଷିକା : ୨୧ ଜଣ ନିଖୋଜ ଭାରତୀୟ ସୁରକ୍ଷିତ ଉଦ୍ଧାର



କାଠମାଣ୍ଡୁ: ନେପାଳ ଓ ଚୀନ୍ ସୀମାବର୍ତ୍ତୀ ତିବ୍ବତ ଅଞ୍ଚଳରେ ଗତକାଲି ଭୂସ୍ଖଳନ ଓ ଗ୍ଲେସିୟର ଭାଙ୍ଗିବା ଯୋଗୁଁ ଆସିଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟାଜନିତ ମୃତ୍ୟୁସଂଖ୍ୟା ଆଜି ୩୬୦ରେ ପହଞ୍ଚିଛି। ନେପାଳର ରସୁଆ, ଧାଡ଼ିଙ୍ଗ ଏବଂ ନୁୱାକୋଟ୍ ଜିଲ୍ଲାରେ ଏହି ପ୍ରାକୃତିକ ବିପର୍ଯ୍ୟୟ ସବୁଠାରୁ ଅଧିକ ତାଣ୍ଡବ ରଚିଥିବା ବେଳେ ୫ଟି ଜିଲ୍ଲାରେ ଭୀଷଣ କ୍ଷୟକ୍ଷତି ହୋଇଛି। ଏହି ବିପର୍ଯ୍ୟୟରେ ପ୍ରାୟ ୧,୫୦୦ ଜଣ ଲୋକ ନିଖୋଜ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅତିକମ୍‌ରେ ୮୦୦ ଜଣ ବିଦେଶୀ ନାଗରିକ ସାମିଲ ଥିବା ନେଇ ନେପାଳ ପୁଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନେପାଳ ପୁଲିସ ମୁଖପାତ୍ର ଅବି ନାରାୟଣ କାଫ୍‌ଲେ ଗଣମାଧ୍ୟମକୁ କହିଛନ୍ତି ଯେ ଉଦ୍ଧାରକାରୀ ଦଳ ପକ୍ଷରୁ ସର୍ଚ୍ଚ ଅପରେସନ ପୁନର୍ବାର ଆରମ୍ଭ କରାଯାଇଥିବା ବେଳେ ଆଗକୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି। ସେହିପରି ତିବ୍ବତର ଜିଲୋଙ୍ଗ କାଉଣ୍ଟିରେ ୨୬୦ ବିଦେଶୀଙ୍କ ସମେତ ପ୍ରାୟ ୫୫୮ ଜଣ ନିଖୋଜ ଥିବା ବେଳେ ଜିଲୋଙ୍ଗ ବନ୍ଦର ନିକଟରେ ମାଟି ଅତଡ଼ା ଧସି ୩୦ରୁ ଅଧିକ ନିଖୋଜ ଅଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ନେପାଳରେ ନିଖୋଜ ଥିବା ଭାରତୀୟଙ୍କ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସେମାନେ ସମସ୍ତେ ତାମିଲନାଡୁର ବାସିନ୍ଦା ଏବଂ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨୮୮ ଜଣ ଭାରତୀୟ ନାଗରିକ ସେଠାରେ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ଅବସ୍ଥାରେ ଅଛନ୍ତି। ସେମାନଙ୍କ ମଧ୍ୟରେ ତ୍ରିଶୂଳୀ ଜଳବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ ୭୩ ଜଣ ଭାରତୀୟ କର୍ମଚାରୀ ସାମିଲ ଅଛନ୍ତି। ଏହା ବ୍ୟତୀତ ତିବ୍ବତ ସୀମାରେ ସୁରକ୍ଷିତ ଥିବା ପ୍ରାୟ ୨୦୦ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସହାୟତା ମାଗିଛନ୍ତି। ସେମାନଙ୍କ ମଧ୍ୟରୁ ୯୫ ଜଣ ଦାରଚେନରେ, ୪ ଜଣ ଜିଲୋଙ୍ଗ ସହରରେ, ୩୦ ଜଣ ଜୁତୁଲଫୁକରେ ଏବଂ ବାକି ୬୦ ରୁ ୭୦ ଜଣ ଅନ୍ୟାନ୍ୟ ସ୍ଥାନରେ ରହିଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର +୯୭୭ ୯୮୫୧୩୧୬୮୦୭ ଏବଂ +୯୭୭ ୯୭୦୯୧୦୭୫୦୦ ଜାରି କରାଯାଇଛି; ବେଜିଂସ୍ଥିତ ଭାରତୀୟ ଦୂତାବାସ ମଧ୍ୟ ହ୍ୱାଟ୍ସଆପ୍ ନମ୍ବର ୦୦୮୬ ୧୮୫୧୪୨୮୪୯୦୫ ଜାରି କରିଛି। ନେପାଳ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ମଧ୍ୟ ୧୩୪, ୧୧୪୪ ଏବଂ ଟୁରିଷ୍ଟ ପୁଲିସ ନମ୍ବର ୯୮୫୧୨୮୯୪୪୫ କାର୍ଯ୍ୟକ୍ଷମ କରାଯାଇଛି। ଅପରପକ୍ଷରେ ନେପାଳ ସୀମାକୁ ଲାଗିରହିଥିବା ବିହାର ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି। ଭାରତର ବିଦେଶ ମନ୍ତ୍ରୀ ଏସ ଜୟଶଙ୍କର ପ୍ରକାଶ କରିଛନ୍ତି ଯେ ଭାରତ ପକ୍ଷରୁ ନେପାଳକୁ ମାନବୀୟ ସହାୟତା ଯୋଗାଇବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଦ୍ୱିତୀତ ବିମାନ ଯୋଗେ ୩୭.୫ ଟନ୍‌ର ଜରୁରୀକାଳୀନ ସାମଗ୍ରୀ,ଔଷଧ ଓ ଶୁଖିଲା ଖାଦ୍ୟ ପଠାଯାଇଛି। ଗତ ରାତିରେ ବାୟୁସେନାର ସି-୧୩୦ଜେ ବିମାନ ଯୋଗେ ୧୦ ଟନ୍ ରିଲିଫ୍ ସାମଗ୍ରୀ ଯଥା ଅସ୍ଥାୟୀ ତମ୍ବୁ, କମ୍ବଳ, ସୋଲାର ଲାଇଟ୍ ପ୍ରଭୃତି ପଠାଯାଇଥିଲା। ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ଆଜି ସକାଳେ ସଡ଼କ ପଥରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନୁୱାକୋଟ୍ ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିବା ସହ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ନେପାଳ ସେନା ମୁଖପାତ୍ର ରାଜାରାମ ବାସନେତ ସୂଚନା ଦେଇଛନ୍ତି ଯେ ପ୍ରାୟ ୫,୦୦୦ରୁ ଅଧିକ ସେନା ଏବଂ ପୁଲିସ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଭାରତ ପକ୍ଷରୁ ମିଳିଥିବା ହେଲିକପ୍‌ଟର ସାହାଯ୍ୟରେ ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଖାଦ୍ୟ ଓ ତମ୍ବୁ ଏୟାରଡ୍ରପ୍ କରାଯାଉଛି।

# ତାମିଲନାଡୁ ଅର୍ଥମନ୍ତ୍ରୀଙ୍କ ଲାଞ୍ଚ ମନ୍ତବ୍ୟକୁ ନେଇ ଘେରିଲେ ବିରୋଧୀ



ଚେନ୍ନାଇ: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ସରକାର ଏବେ ନିଜ ଅର୍ଥମନ୍ତ୍ରୀଙ୍କ ଲାଞ୍ଚ ସମ୍ପର୍କିତ ମନ୍ତବ୍ୟକୁ ନେଇ ଅଡୁଆରେ ପଡ଼ିଛି। ରାଜ୍ୟ ଅର୍ଥମନ୍ତ୍ରୀ ଏନ୍. ମାରି ୱିଲସନ ବିଧାନସଭାରେ ପୂର୍ବ ଡିଏମ୍‌କେ ସରକାର ସମୟରେ ନିଜ ଶିକ୍ଷାନୁଷ୍ଠାନ ପାଇଁ ଅନୁମତି ହାସଲ କରିବାକୁ ତାଙ୍କୁ ବିପୁଳ ପରିମାଣର ଲାଞ୍ଚ ଦେବାକୁ ପଡ଼ିଥିଲା ବୋଲି କହିଛନ୍ତି। ଏହି ମନ୍ତବ୍ୟ ପରେ ରାଜ୍ୟ ରାଜନୀତିରେ ତୀବ୍ର ବିବାଦ ଆରମ୍ଭ ହୋଇଛି। ସୋମବାର ତାମିଲନାଡୁ ବିଧାନସଭାରେ ଭାଷଣ ଦେଇ ୱିଲସନ କହିଥିଲେ ଯେ, ପୂର୍ବ ଡିଏମ୍‌କେ ସରକାର ସମୟରେ ଚେନ୍ନାଇରେ ତାଙ୍କ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଆବଶ୍ୟକ ଅନୁମତି ନେବାକୁ ସ୍କୁଲ ଶିକ୍ଷା ବିଭାଗକୁ ବହୁତ ଟଙ୍କା ଦେବାକୁ ପଡ଼ିଥିଲା। ଏ ସମ୍ପର୍କରେ ତଦନ୍ତ ହେଲେ ସେ ତାହାର ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମଧ୍ୟ କହିଥିଲେ। 'ମୁଁ ନିଜେ ଏହାର ପ୍ରମାଣ, ମୁଁ ହିଁ ସାକ୍ଷୀ' ବୋଲି ତାଙ୍କ ମନ୍ତବ୍ୟ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ୱିଲସନଙ୍କ ଏହି ସ୍ୱୀକାରୋକ୍ତି ପରେ ବିରୋଧୀ ଡିଏମ୍‌କେ ଓ ବିଜେପି ବିଜୟ ସରକାରକୁ ଘେରିଛନ୍ତି। ଡିଏମ୍‌କେ ନେତା ଅନ୍‌ବିଲ ମହେଶ ପୋୟାମୋଝି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିବା ସହ ୱିଲସନଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ଦାବି କରିଛନ୍ତି। ଜଣେ ମନ୍ତ୍ରୀ ନିଜେ ଲାଞ୍ଚ ଦେଇଥିବା କଥା କହୁଥିବାରୁ ତାଙ୍କ ବିରୋଧରେ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ (ଡିଭିଏସି) ତଦନ୍ତ ଆରମ୍ଭ କରୁ ବୋଲି ସେ ଦାବି କରିଛନ୍ତି। ତାମିଲନାଡୁ ବିଜେପି ସଭାପତି ନୈନାର ନାଗେନ୍ଦ୍ରନ ମଧ୍ୟ ଏହି ପ୍ରସଙ୍ଗରେ ସରକାରକୁ ଟାର୍ଗେଟ୍ କରିଛନ୍ତି। ଆଇନ ଦୃଷ୍ଟିରେ ଲାଞ୍ଚ ଦେବା ଓ ଲାଞ୍ଚ ନେବା ଉଭୟ ଅପରାଧ ବୋଲି ସେ କହିଛନ୍ତି। ତେଣୁ ଏହି ଘଟଣାରେ ଲାଞ୍ଚ ଦେଇଥିବା ଓ ନେଇଥିବା ଉଭୟ ପକ୍ଷ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ନାଗେନ୍ଦ୍ରନ ଦାବି କରିଛନ୍ତି। ବିରୋଧୀଙ୍କ ଚାପ ବଢ଼ିବା ପରେ ବିଜୟଙ୍କ ଟିଭିକେ ସରକାର ନିଜ ମନ୍ତ୍ରୀଙ୍କ ସପକ୍ଷରେ ଓହ୍ଲାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ କେ.ଜି. ଅରୁଣରାଜ କହିଛନ୍ତି, ୱିଲସନ ଅପରାଧୀ ନୁହନ୍ତି; ସେ ଜଣେ 'ହ୍ୱିସିଲବ୍ଲୋଅର୍' ଭାବେ ପୂର୍ବ ସରକାର ସମୟର ଅନିୟମିତତାକୁ ପଦାକୁ ଆଣିଛନ୍ତି। ତେବେ ତଦନ୍ତ ଦାବି ଓ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା ପାଇଁ ବିରୋଧୀଙ୍କ ଚାପ ବିଜୟ ସରକାର ପାଇଁ ନୂଆ ରାଜନୈତିକ ସମସ୍ୟା ସୃଷ୍ଟି କରିଛି।

# ପୁଣି ବସିପାରେ ସଂସଦ, ସରକାରଙ୍କ ସମ୍ଭାବ୍ୟ ନିଷ୍ପତ୍ତି ନେଇ ଇଙ୍ଗିତ ଦେଲେ ରିଜିଜୁ



ନୂଆଦିଲ୍ଲୀ: ସଂସଦ ଅଧିବେଶନ ପୁଣି ଡକାଯିବାର ସମ୍ଭାବନାକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବୁଧବାର ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିନାହାନ୍ତି। ବର୍ଷାକାଳୀନ ଅଧିବେଶନ ଏପର୍ଯ୍ୟନ୍ତ ଔପଚାରିକ ଭାବେ ସମାପ୍ତ ଘୋଷିତ ହୋଇନଥିବାରୁ ପୁଣି ସଂସଦର ବୈଠକ ଡକାଯାଇପାରିବ ବୋଲି ସେ କହିଛନ୍ତି। ତେବେ ସ୍ୱତନ୍ତ୍ର ଅଧିବେଶନ ଡକାଯିବ କି ନାହିଁ, ସେ ସମ୍ପର୍କରେ ରିଜିଜୁ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କୁ ସାକ୍ଷାତ୍‌କାର ଦେଇ ରିଜିଜୁ କହିଥିଲେ, ସଂସଦ କେବେ ଡକାଯିବ, ତାହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ସରକାର ରାଷ୍ଟ୍ରପତିଙ୍କୁ ଅଧିବେଶନ ଡାକିବାକୁ ଅନୁରୋଧ କରନ୍ତି। ଗୃହର ଅଧିବେଶନ ଔପଚାରିକ ଭାବେ ସମାପ୍ତ ଘୋଷଣା ହୋଇନଥିଲେ ପୁଣି ବୈଠକ ଡକାଯାଇପାରିବ ବୋଲି ସେ ସ୍ପଷ୍ଟ କରିଥିଲେ। ସ୍ୱତନ୍ତ୍ର ଅଧିବେଶନ ଡକାଯିବାର ସମ୍ଭାବନା ରହିଛି କି ବୋଲି ପ୍ରଶ୍ନ କରାଯିବାରୁ ରିଜିଜୁ କହିଥିଲେ, ଏହାର ଉତ୍ତର ସେ ଦେବେ ନାହିଁ। ସମୟ ଆସିଲେ ଏ ସମ୍ପର୍କରେ ସବୁ କଥା ସ୍ପଷ୍ଟ ହେବ। ଗତ ୧୩ ଅଗଷ୍ଟରେ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଥିଲା। ଏହି ପରିସ୍ଥିତିରେ ସରକାର ବର୍ତ୍ତମାନର ଅଧିବେଶନକୁ ବ୍ୟବହାର କରି ସୀମା ନିର୍ଦ୍ଧାରଣ ବିଲ୍ ଓ ମହିଳା ସଂରକ୍ଷଣ ସଂଶୋଧନ ବିଲ୍‌କୁ ପୁଣି ସଂସଦରେ ଆଣିବେ କି ନାହିଁ, ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏପ୍ରିଲରେ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ସମୟରେ ୧୩୧ତମ ସମ୍ବିଧାନ ସଂଶୋଧନ ଅଧୀନରେ ମହିଳା ସଂରକ୍ଷଣ ବିଲ୍ ସହ ଆଗତ ସୀମା ନିର୍ଦ୍ଧାରଣ ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ପାଇପାରିନଥିଲା। ତେବେ ଆଉ ଏକ ବୈଠକ କିମ୍ବା ସ୍ୱତନ୍ତ୍ର ଅଧିବେଶନ ଡକାଯିବା ନେଇ ସରକାର ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଘୋଷଣା କରିନାହାନ୍ତି।

# ସିଜେଆଇ ଓ ବାର୍ କାଉନ୍‌ସିଲ୍ ମୁଖ୍ୟଙ୍କୁ ନିମନ୍ତ୍ରଣ ବିବାଦ: ନ୍ୟାସନାଲ୍ ଲ' ସ୍କୁଲ୍‌ର ସମାବର୍ତ୍ତନ ଉତ୍ସବ ବାତିଲ୍

ବେଙ୍ଗାଲୁରୁ: ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କୁ ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରାଯିବାକୁ ନେଇ ବିବାଦ ଉପୁଜିବା ପରେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ୍ ଲ' ସ୍କୁଲ୍ ଅଫ୍ ଇଣ୍ଡିଆ ୟୁନିଭର୍ସିଟି (ଏନ୍‌ଏଲ୍‌ଏସ୍‌ଆଇୟୁ) ଏହାର ୩୪ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ବାତିଲ୍ କରିଦେଇଛି।




ଗୁରୁବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ସରକାରୀ ସୂଚନାରେ 'ଅନିବାର୍ଯ୍ୟ ପରିସ୍ଥିତି' ଯୋଗୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଆସନ୍ତା ସେପ୍ଟେମ୍ବର ୧୨ରେ ଏହି ସମାବର୍ତ୍ତନ ଉତ୍ସବ ହେବାର କାର୍ଯ୍ୟକ୍ରମ ଥିଲା। ଏହି ତାରିଖ ସମ୍ପର୍କରେ ଅଗଷ୍ଟ ୩ରେ ଡିଗ୍ରି ପାଇବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଆଗୁଆ ସୂଚନା ଦିଆଯାଇଥିଲା। କିନ୍ତୁ ଉତ୍ସବରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ଉପସ୍ଥିତିକୁ ନେଇ ଛାତ୍ର ଓ ପୂର୍ବତନ ଛାତ୍ରମାନଙ୍କ ମଧ୍ୟରେ ବିରୋଧ ଦେଖାଦେଇଥିଲା। ବିଶ୍ୱବିଦ୍ୟାଳୟର ସୂଚନା ଅନୁସାରେ, ସାମୂହିକ ପ୍ରୟାସ ସତ୍ତ୍ୱେ ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ସମାବର୍ତ୍ତନ ଉତ୍ସବ ଆୟୋଜନ କରିବା ସମ୍ଭବ ହୋଇପାରିଲା ନାହିଁ। ତେବେ ଉତ୍ସବ ବାତିଲ୍ ହେଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଡିଗ୍ରି ପ୍ରଦାନ ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ। ପରିଚାଳନା ସଂସ୍ଥାଗୁଡ଼ିକର ଆବଶ୍ୟକ ଅନୁମୋଦନ ପରେ ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅନୁପସ୍ଥିତିରେ ଡିଗ୍ରି ପ୍ରଦାନ କରାଯିବ। ଡିଗ୍ରି ଓ ସାର୍ଟିଫିକେଟ୍ ପାଇବା ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଦୁଇଟି ବିକଳ୍ପ ଦେଇଛି। ସେମାନେ ଡାକଯୋଗେ ସାର୍ଟିଫିକେଟ୍ ମଗାଇପାରିବେ କିମ୍ବା ନିଜେ କ୍ୟାମ୍ପସରେ ପହଞ୍ଚି ତାହା ସଂଗ୍ରହ କରିପାରିବେ।

# ଜଙ୍କ୍ ଫୁଡ୍‌ରେ ସତର୍କ ସୂଚନା ନେଇ କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ୨ ସପ୍ତାହ ମହଲତ

ନୂଆଦିଲ୍ଲୀ: ପ୍ୟାକେଟ୍ ଖାଦ୍ୟରେ ଥିବା ଅଧିକ ଚିନି, ଲୁଣ ଓ ସାଚୁରେଟେଡ୍ ଫ୍ୟାଟ୍ ସମ୍ପର୍କରେ ସାମ୍ନା ପାର୍ଶ୍ୱରେ ସ୍ପଷ୍ଟ ସତର୍କ ସୂଚନା ଲେବଲ୍ ଲଗାଇବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟ ୨ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ କହିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା କଡ଼ା ଟିପ୍ପଣୀ କରିଛନ୍ତି।

ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବାକୁ କହିଛନ୍ତି। ସରକାର ନିଜ ଆଡୁ ପଦକ୍ଷେପ ନେଲେ ଭଲ, ନଚେତ୍ ସୁପ୍ରିମ୍‌କୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଖାଦ୍ୟ ପ୍ୟାକେଟ୍‌ରେ ଲେବଲିଂ ସମ୍ପର୍କରେ ବିକଶିତ ଦେଶଗୁଡ଼ିକର ମାନଦଣ୍ଡକୁ ଭାରତ ଅନୁସରଣ କରିପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଯୁକ୍ତି ଉପରେ ଜଷ୍ଟିସ୍ ପାର୍ଦ୍ଦିୱାଲା ପ୍ରଶ୍ନ ଉଠାଇଥିଲେ। ଏହି ପ୍ରସଙ୍ଗରେ ଭାରତ କ'ଣ ଅନୁନ୍ନତ ଦେଶ ହୋଇ ରହିବା ଉଚିତ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ବିଷୟରେ ସରକାରଙ୍କୁ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। '୩ଏସ୍ ଆଣ୍ଡ୍ ଆୱାର୍ ହେଲ୍‌ଥ ସୋସାଇଟି' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ସଂସ୍ଥା ପକ୍ଷରୁ ଓକିଲ ରାଜୀବ ଶଙ୍କର ଦ୍ୱିବେଦୀ ମାମଲା ପରିଚାଳନା କରୁଛନ୍ତି। ପ୍ୟାକେଟ୍ ଖାଦ୍ୟରେ ଅଧିକ ପରିମାଣରେ ଚିନି, ଲୁଣ ଓ ସାଚୁରେଟେଡ୍ ଫ୍ୟାଟ୍ ଥିଲେ ତାହା ପ୍ୟାକେଟ୍‌ର ସାମ୍ନା ପାର୍ଶ୍ୱରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ସେମାନେ ଦାବି କରିଛନ୍ତି। ଏହା ପୂର୍ବରୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନଦଣ୍ଡ ପ୍ରାଧିକରଣର ପଦକ୍ଷେପ ନେଇ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ମୋଟାପଣ, ବିଶେଷକରି ଶିଶୁମାନଙ୍କ ମଧ୍ୟରେ ଏହାର ବୃଦ୍ଧି ଏବଂ ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟର ବଢୁଥିବା ବ୍ୟବହାର ପରିପ୍ରେକ୍ଷୀରେ ଏହି ପ୍ରସଙ୍ଗ ଗୁରୁତ୍ୱ ପାଇଛି। ସମ୍ବିଧାନର ଧାରା ୨୧ ଅନୁସାରେ ଜୀବନର ଅଧିକାର ସହ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ପ୍ରସଙ୍ଗ ଜଡ଼ିତ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। ସେଥିପାଇଁ ଗ୍ରାହକମାନେ ସୁସ୍ଥ ବିକଳ୍ପ ବାଛିପାରିବା ନିମନ୍ତେ ଖାଦ୍ୟର ସମ୍ଭାବ୍ୟ କ୍ଷତିକାରକ ଉପାଦାନ ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇବା ଆବଶ୍ୟକ ବୋଲି ସୁପ୍ରିମ୍‌କୋର୍ଟ ମତ ଦେଇଛନ୍ତି।

# ଆମେରିକାରେ ବଡ଼ ଧରଣର ଭିସା ବାତିଲ୍ ଅଭିଯାନ




ୱାସିଂଟନ: ଆମେରିକା ସରକାର ଦେଶର ଇତିହାସରେ ଏକ ବଡ଼ ଭିସା ବାତିଲ୍ ଅଭିଯାନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି, ଯାହା ଦ୍ୱାରା ପ୍ରାୟ ୨ ଲକ୍ଷ ବିଦେଶୀ ନାଗରିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଆମେରିକା ଷ୍ଟେଟ୍ ଡିପାର୍ଟମେଣ୍ଟର ମୁଖପାତ୍ର ଟମି ପିଗୋଟ୍ ସ୍ପଷ୍ଟ କରିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ନେତୃତ୍ୱରେ ଆମେରିକା ସରକାର ଏହା ସ୍ପଷ୍ଟ କରୁଛନ୍ତି ଯେ ଭିସା କୌଣସି ଅଧିକାର ନୁହେଁ, ବରଂ ଏକ ବିଶେଷାଧିକାର। ମୁଖପାତ୍ରଙ୍କ ଅନୁଯାୟୀ, ଆମେରିକାର ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ସହ ମିଶି ଷ୍ଟେଟ୍ ଡିପାର୍ଟମେଣ୍ଟ ଏପରି ବିଦେଶୀ ନାଗରିକମାନଙ୍କୁ ଚିହ୍ନଟ କରୁଛି, ଯେଉଁମାନେ ଅସ୍ଥାୟୀ ଭିସାରେ ଆମେରିକା ଆସି ପରବର୍ତ୍ତୀ ସମୟରେ ରାଜନୈତିକ ଆଶ୍ରୟ ଲୋଡ଼ିଛନ୍ତି କିମ୍ବା ସ୍ଥାୟୀ ଭାବେ ରହିବାକୁ ଚେଷ୍ଟା କରୁଛନ୍ତି। ଯଦି କୌଣସି ବ୍ୟକ୍ତି ଭିସା ଆବେଦନ ସମୟରେ କନସୁଲାର ଅଫିସରଙ୍କ ନିକଟରେ ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ ମିଥ୍ୟା ତଥ୍ୟ ଦେଇଥାନ୍ତି, ତେବେ ତାହାକୁ ''ଭିସା ଜାଲିଆତି'' ଭାବେ ଗ୍ରହଣ କରାଯାଇ ତୁରନ୍ତ ଭିସା ବାତିଲ କରାଯିବ। ଅସ୍ଥାୟୀ ଭିସା କେବଳ ନିର୍ଦ୍ଧାରିତ ସମୟ ପରେ ନିଜ ଦେଶକୁ ଫେରିବାର ସର୍ତ୍ତରେ ଦିଆଯାଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହି କଠୋର କାର୍ଯ୍ୟାନୁଷ୍ଠାନ ଦ୍ୱାରା କେତେ ଜଣ ଭାରତୀୟ ନାଗରିକ ପ୍ରଭାବିତ ହେବେ କିମ୍ବା ଆଗାମୀ ଦିନରେ ଭାରତୀୟ ଆବେଦନକାରୀଙ୍କ ପାଇଁ ନିୟମ କଡ଼ାହେବ କି ନାହିଁ, ସେ ନେଇ ଆମେରିକା ସରକାର କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା କିମ୍ବା ସ୍ପଷ୍ଟୀକରଣ ଦେଇନାହାନ୍ତି। ଏହି ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଥିବାରୁ ଯାଞ୍ଚ ଓ ବାତିଲ୍ ହେଉଥିବା ଭିସା ସଂଖ୍ୟାରେ ପରିବର୍ତ୍ତନ ହୋଇପାରେ ଏବଂ ଏହି ଅଭିଯାନ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ସୂଚନା ଦେଇଛି।

# ନେପାଳ ବିପର୍ଯ୍ୟୟ ପରେ ଚୀନ୍‌ର ମେଗା ଡ୍ୟାମ୍‌କୁ ନେଇ ଭାରତ ପାଇଁ ବଢ଼ିଲା ଚିନ୍ତା



ନୂଆଦିଲ୍ଲୀ: ନେପାଳ-ତିବ୍ବତ ସୀମାରେ ଭୟଙ୍କର ବନ୍ୟା ଓ ବିପୁଳ ଧନଜୀବନ କ୍ଷୟକ୍ଷତି ପରେ ଭାରତ ସୀମା ନିକଟରେ ଚୀନ୍ ନିର୍ମାଣ କରୁଥିବା ବିଶାଳ ମେଡୋଗ୍ ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ନୂଆ ଆଶଙ୍କା ସୃଷ୍ଟି ହୋଇଛି। ଭୂକମ୍ପପ୍ରବଣ ହିମାଳୟ ଅଞ୍ଚଳରେ ଏତେ ବଡ଼ ଡ୍ୟାମ୍ ନିର୍ମାଣ ଭାରତର ଉତ୍ତର-ପୂର୍ବାଞ୍ଚଳ ପାଇଁ ଭବିଷ୍ୟତରେ ବଡ଼ ବିପଦ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ୬୦ ହଜାର ମେଗାୱାଟ୍ କ୍ଷମତା ବିଶିଷ୍ଟ ମେଡୋଗ୍ ଡ୍ୟାମ୍ ନିର୍ମାଣ କରୁଛି। ଏହି ନଦୀ ଅରୁଣାଚଳପ୍ରଦେଶରେ ପ୍ରବେଶ କରି ସିଆଙ୍ଗ ଏବଂ ପରେ ଆସାମରେ ବ୍ରହ୍ମପୁତ୍ର ନାମରେ ପ୍ରବାହିତ ହୁଏ। ଅରୁଣାଚଳପ୍ରଦେଶ ସୀମା ନିକଟରେ ଥିବା ଏହି ପ୍ରକଳ୍ପକୁ ୨୦୩୩ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ବେଜିଂ ଲକ୍ଷ୍ୟ ରଖିଛି। ବୁଧବାର ନେପାଳ-ତିବ୍ବତ ସୀମାରେ ୪.୪ ତୀବ୍ରତାର ଭୂକମ୍ପ ପରେ ସମ୍ଭାବ୍ୟ ହିମସ୍ଖଳନରୁ ଭୟଙ୍କର ବନ୍ୟା ହୋଇଥିଲା। ବନ୍ୟାଜଳ ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀ ଦେଇ ଗ୍ରାମ, ରାସ୍ତା ଓ ବିଦ୍ୟୁତ୍ ପ୍ରକଳ୍ପକୁ ଭସାଇ ନେଇଥିଲା। ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ ସଂସଦରେ କହିଥିଲେ ଯେ, ଭୂକମ୍ପ ଯୋଗୁ ହିମସ୍ଖଳନ ହୋଇଥିବାରୁ ଏହି ବନ୍ୟା ଘଟିଥାଇପାରେ। ତେବେ ଘଟଣାର ପ୍ରକୃତ କାରଣ ସେତେବେଳେ ସ୍ପଷ୍ଟ ହୋଇନଥିଲା। ବିଶେଷଜ୍ଞ ବ୍ରହ୍ମା ଚେଲାନି କହିଛନ୍ତି, ନେପାଳର ବିପର୍ଯ୍ୟୟ ହିମାଳୟର ଭୂକମ୍ପପ୍ରବଣ ଅଞ୍ଚଳରେ ବିଶାଳ ଡ୍ୟାମ୍ ନିର୍ମାଣର ବିପଦକୁ ପୁଣି ସାମ୍ନାକୁ ଆଣିଛି। ତାଙ୍କ ମତରେ, ଭାରତ-ତିବ୍ବତ ସୀମା ନିକଟରେ ଥିବା ଏହି ପ୍ରକଳ୍ପ ଭବିଷ୍ୟତରେ 'ଜଳବୋମା'ରେ ପରିଣତ ହୋଇ ଭାରତର ଉତ୍ତର-ପୂର୍ବାଞ୍ଚଳ ଏବଂ ତଳମୁଣ୍ଡରେ ବାଂଲାଦେଶ ପର୍ଯ୍ୟନ୍ତ ବିପର୍ଯ୍ୟୟ ଘଟାଇପାରେ। ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ତଥା ବୈଦେଶିକ ବ୍ୟାପାର ବିଶ୍ଳେଷକ ରାଜୀବ ଡୋଗ୍ରା ମଧ୍ୟ ଏହି ଡ୍ୟାମ୍ ନିର୍ମାଣ ହେଲେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ଅଧିକ ବଡ଼ ବିପର୍ଯ୍ୟୟର ଆଶଙ୍କା କରିଛନ୍ତି।

# ନିରାଶ କଲେ ବୋଲର, ଲଢ଼େଇ କରି ମ୍ୟାଚ୍ ବଞ୍ଚାଇଲେ ଦିନୁଶା

## ଦିନ ତମାମ ୩ ୱିକେଟ ନେଲା ଭାରତ, ସିରିଜ ୧-୦ରେ ବିଜୟ




କଲମ୍ବୋ, ୨୭।୮ : ବିଜୟର ଦ୍ୱାର ଦେଶରେ ଥାଇ ଶ୍ରୀଲଙ୍କା ବିପକ୍ଷ କଲୋମ୍ବୋ ଟେଷ୍ଟକୁ ଜିତି ପାରିନି ଭାରତ। ଶେଷ ଦିନରେ ଭାରତକୁ ୪ ୱିକେଟ ଦରକାର ଥିଲା। ହେଲେ ଦଳ ଦିନ ତମାମ ବୋଲିଂ କରି କେବଳ ୩ଟି ୱିକେଟ ନେବାକୁ ସକ୍ଷମ ହୋଇଛି।ଶ୍ରୀଲଙ୍କାର ଯୁବ ବ୍ୟାଟର ଐତିହାସିକ ରେକର୍ଡସ ଏବେ ହିରୋ ବନି ଯାଇଛନ୍ତି। ସେ ଶତକ ହାସଲ କରି ଶ୍ରୀଲଙ୍କାକୁ ଦ୍ୱିତୀୟ ଟେଷ୍ଟ ଡ୍ର କରାଇବାକୁ ସକ୍ଷମ ହୋଇଛନ୍ତି। ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ ଡ୍ର କରିଥିବା ବେଳେ ଭାରତ ୧-୦ରେ ସିରିଜ କବଜା କରିଛି।

ଦଳ ସିରିଜ ଜିତିଥିଲେ ହେଁ ଶ୍ରୀଲଙ୍କା ପାଇଁ ଦିନୁଶା କମାଲ କରିଛନ୍ତି। ଭାରତ ବିପକ୍ଷ ୨ଟି ଯାକ ଟେଷ୍ଟର ୪ଟି ଇନିଂସରେ ୫୦ରୁ ଅଧିକ ରନ କରି ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ଦିନୁଶା ଅପରାଜିତ ୧୦୦ ରନ୍ କରିଥିଲେ। ସେହି ଟେଷ୍ଟର ଦ୍ୱିତୀୟ ଇନିଂସରେ ୮୪ ରନ କରିଥିଲେ ହେଁ ଶ୍ରୀଲଙ୍କା ହାରି ଯାଇଥିଲା। ଏହାପରେ କଲୋମ୍ବୋ ଟେଷ୍ଟର ପ୍ରଥମ ଇନିଂସ୍‌ରେ ମଧ୍ୟ ସେ ଦମଦାର ବ୍ୟାଟିଂ କରି ୧୦୩ ରନ୍ କରିଥିଲେ। ଏବେ ପଞ୍ଚମ ଦିନରେ ସେ ଅପରାଜିତ ୧୩୩ ରନ କରି ଶ୍ରୀଲଙ୍କାକୁ ପରାଜୟରୁ ଉଦ୍ଧାର କରିଛନ୍ତି। ଦମଦାର ବ୍ୟାଟିଂ ପାଇଁ ତାଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

ଦ୍ୱିତୀୟ ଟେଷ୍ଟର ଆଜି ଥିଲା ଶେଷ ଦିନ। ଆଉ ଶେଷ ଦିନରେ ଦିନୁଶାଙ୍କ ସହ କେଶରା ନୁୱାନ୍ଥା ଶ୍ରୀଲଙ୍କା ପାଇଁ ଲିବା ଆରମ୍ଭ କରିଥିଲେ। ଉଭୟ ବ୍ୟାଟିଂ ଆରମ୍ଭ କରିବା ବେଳେ ଶ୍ରୀଲଙ୍କା କେବଳ ୧୬ ରନ ଲିଡ୍ ପାଇଥିଲା। ଲାଗୁଥିଲା ଭାରତ ଖୁବଶୀଘ୍ର ଶ୍ରୀଲଙ୍କାକୁ ଅଲଆଉଟ କରି ମ୍ୟାଚ ଜିତି ନେବ।ହେଲେ ନୁୱାନ୍ଥା ଓ ଦିନୁଶା ଅଲଗା ପ୍ରକାରର ବ୍ୟାଟିଂ କରିଥିଲେ। ଉଭୟ ଭାରତର ସବୁ ରଣନୀତି ପାଣିରେ ପକାଇ ଦେଇଥିଲା। ପୂରା ମର୍ଣ୍ଣିଂ ସେସନ୍ସ ଦୁଇ ଖେଳାଳି ବ୍ୟାଟିଂ କରିଥିଲେ। ଲଞ୍ଚ ପରେ ବ୍ୟକ୍ତିଗତ ୪୬ ରନରେ ଆଉଟ ହୋଇ ଯାଇଥିଲେ ନୁୱାନ୍ଥା। ତାଙ୍କ ୱିକେଟ ମାନବ ସୁତାର ନେଇଥିଲେ।

ଏତିକି ବେଳେ ଭାରତର କମବ୍ୟାକ ଆଶା ସୃଷ୍ଟି ହୋଇଥିଲା। ରବୀନ୍ଦ୍ର ଜାଡେଜା ମଧ୍ୟ ୨ ରନ କରିଥିବା ପ୍ରଭତ ଜୟସୁରିୟାଙ୍କୁ ଆଉଟ କରିଥିଲେ। କିନ୍ତୁ ଏହାପରେ ଲାହିରୁ କୁମାରା ସ୍ଥିତି ସମ୍ଭାଳିଥିଲେ। ଗୋଟିଏ ପଟେ ଦିନୁଶା ରନ ସ୍କର କରୁଥିବା ବେଳେ କୁମାରା କେବଳ ୱିକେଟ ବଞ୍ଚାଇବାକୁ ଲାଗିଥିଲେ। ଉଭୟ ଦଳୀୟ ସ୍କୋରକୁ ୩୫୫ରୁ ନେଇ ୪୦୨ରେ ପହଞ୍ଚାଇ ଦେଇଥିଲେ। ଦିନୁଶା ମଧ୍ୟ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ନିଜର ଆଉ ଏକ ଶତକ ହାସଲ କରିଥିଲେ। କିନ୍ତୁ ଏପଟେ କୁମାରାଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ୯ମ ଝଟକା ଦେଇଥିଲେ ଜାଡେଜା। କୁମାରା ଆଉଟ ହୋଇଥିଲେ ହେଁ ୯୦ଟି ବଲ ସାମ୍ନା କରିଥିଲେ। ୯୦ ବଲ ଖେଳି ସେ କେବଳ ୧୨ ରନ କରିଛନ୍ତି। ଏହି ୯୦ ବଲ ହିଁ ଭାରତୀୟ ଶିବିରରେ ନିରାଶା ଖେଳାଇ ଦେଇଥିଲା। ଭାରତ ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ଜାଣି ବୋଲିଂରେ ଆଉ ଚାପ ସୃଷ୍ଟି କରିବାକୁ ଚାହିଁ ନଥିଲା। ଅଧିନାୟକ ଶୁବମନ ଗିଲ, ଯଶସ୍ୱୀ ଜୈସୱାଲ ଓ ଧ୍ରୁବ ଜୁରେଲଙ୍କ ଭଳି ଖେଳାଳି ବୋଲିଂ କରିବା ଆରମ୍ଭ କରିଥିଲେ। ଦଳୀୟ ସ୍କର ୪୨୯/୯ ଥିବା ବେଳେ ଶ୍ରୀଲଙ୍କା ପାଳି ଘୋଷଣା କରିଥିଲା।

ଏହି ସମୟରେ ଲିଡ୍ ୨୧୬ରେ ପହଞ୍ଚି ଯାଇଥିଲା। ଦିବସର ଖେଳ ୧୫ ଓଭରରୁ କମ ବାକି ଥିବାରୁ ଶ୍ରୀଲଙ୍କାର ପାଳି ଘୋଷଣା ସତ୍ତ୍ୱେ ବ୍ୟାଟିଂ କରିବାକୁ ମନା କରି ଦେଇଥିଲା ଭାରତ। ଏଥିଯୋଗୁ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଭାରତ ପ୍ରଥମ ଟେଷ୍ଟକୁ ଜିତିଥିବାରୁ ଏବେ ୧-୦ରେ ହିଁ ଦଳକୁ ସନ୍ତୁଷ୍ଟ ହେବାକୁ ପଡିଛି। ତେବେ ପ୍ରଥମ ଇନିଂସରେ ଫଲୋଅନ ଖାଇବା ପରେ ଶ୍ରୀଲଙ୍କାର ଲୁଆ ବ୍ୟାଟିଂ ସମସ୍ତଙ୍କୁ ଚକିତ କରିଛି। ସେହିପରି ଦ୍ୱିତୀୟ ଇନିଂସରେ ଘରୋଇ ଟିମ ୧୫୪ ଓଭର ବ୍ୟାଟିଂ କରିବା ବ୍ୟାଟରଙ୍କ ଦକ୍ଷତାକୁ ପ୍ରମାଣ କରୁଛି। ଭାରତ ପ୍ରଥମ ଇନିଂସରେ ୫୦୩/୯ରେ ପାଳି ଘୋଷଣା କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ୨୯୦ ରନ କରିବାରୁ ଭାରତ ଫଲୋଅନ ଦେଇଥିଲା। ସେହିପରି ୪ର୍ଥ ଦିନର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୬ ୱିକେଟ ହରାଇ କେବଳ ୨୨୯ ରନ କରିଥିଲା। ହେଲେ ଆଜି ଶ୍ରୀଲଙ୍କା ମ୍ୟାଚ୍‌କୁ ବଞ୍ଚାଇବାକୁ ସକ୍ଷମ ହୋଇଛି।

# ୧୯ ବର୍ଷରୁ କମ୍ ଦଳରେ ସେହ୍ୱାଗ ଓ ଦ୍ରାବିଡ୍‌ଙ୍କ ପୁଅ




ନୂଆଦିଲ୍ଲୀ, ୨୭।୮ : ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟକୁ ସେହୱାଗ ଓ ଡ୍ରାଭିଡଙ୍କ କମବ୍ୟାକ। କିମ୍ବଦନ୍ତୀ ବ୍ୟାଟର ରାହୁଲ ଡ୍ରାଭିଡ ଓ ବୀରେନ୍ଦ୍ର ସେହୱାଗଙ୍କ ପୁଅଙ୍କୁ ଏକାସାଙ୍ଗରେ ଭାରତୀୟ ଅଣ୍ଡର ୧୯ ଟିମରେ ମିଳିଛି ସୁଯୋଗ। ରାହୁଲ ଡ୍ରାଭିଡଙ୍କ ପୁଅ ଅନଭୟ ଓ ବୀରେନ୍ଦ୍ର ସେହୱାଗଙ୍କ ପୁଅ ଆର୍ଯ୍ୟବୀର ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ସୁଯୋଗ ପାଇଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ୧୯ ଟିମ ମଧ୍ୟରେ ଆସନ୍ତା ସେପ୍ଟେମ୍ବର ୧୮ରୁ ଦିନିକିଆ ସିରିଜ ଆରମ୍ଭ ହେବ।

ବିସିସିଆଇ ଚୟନ କମିଟି ଅଷ୍ଟ୍ରେଲିଆ ବିପକ୍ଷ ୩ଟିକିଆ ଦିନିକିଆ ଓ ୨ଟି ବହୁ ଦିବସୀୟ ମ୍ୟାଚ୍ ପାଇଁ ଭିନ୍ନଭିନ୍ନ ଟିମ ଘୋଷଣା କରିଛି। ଲକ୍ଷ୍ୟ ରାୟଚନ୍ଦାନି ଭାରତୀୟ ଅଣ୍ଡର ୧୯ ଦିନିକିଆ ଟିମର ନେତୃତ୍ୱ ନେବେ। ସେହିପରି ଯଶବର୍ଦ୍ଧନ ସିଂହ ଚୌହାନ ବହୁ ଦିବସୀୟ କ୍ରିକେଟର କମାଣ ସମ୍ଭାଳିବେ।ଅନଭୟ ଓ ଆର୍ଯ୍ୟବୀର ଉଭୟ ଦିନିକିଆ ସ୍କ୍ୱାଡରେ ରହିଛନ୍ତି। ବର୍ତ୍ତମାନ ଦିଲ୍ଲୀ ପ୍ରିମିୟର ଲିକ ଖେଳୁଥିବା ୧୮ ବର୍ଷୀୟ ଆର୍ଯ୍ୟବୀର ପ୍ରଥମଥର ପାଇଁ ଭାରତୀୟ ଟିମରେ ସୁଯୋଗ ପାଇଛନ୍ତି। ରାହୁଲ ଡ୍ରାଭିଡଙ୍କ ପୁଅ ଅନଭୟ ଏହାପୂର୍ବରୁ ଶ୍ରୀଲଙ୍କା ବିପକ୍ଷ ସିରିଜରେ ସୁଯୋଗ ପାଇଥିଲେ। ସେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ମଧ୍ୟ ସୁଯୋଗ ପାଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ଅନଭୟ ଯଥାକ୍ରମେ ୧୪ ଓ ୮୭ ରନ ରନ କରିଥିଲେ। ଏଥିପାଇଁ ତାଙ୍କୁ ପୁଣି ଭାରତୀୟ ଅଣ୍ଡର ୧୯ ଟିମରେ ରଖାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ୩ଟି ଯାକ ଦିନିକିଆ ଓ ପ୍ରଥମ ବହୁ ଦିବସୀୟ ମ୍ୟାଚ୍ ରାଜକୋଟରେ ଖେଳାଯିବ। ଦ୍ୱିତୀୟ ବହୁ ଦିବସୀୟ ମ୍ୟାଚ୍ ଅହମଦାବାଦରେ ଅନୁଷ୍ଠିତ ହେବ। ଦିନିକିଆ ପାଇଁ ଭାରତୀୟ ଅଣ୍ଡର ୧୯ ସ୍କ୍ୱାଡ: ଲକ୍ଷ୍ୟ ରାୟଚନ୍ଦାନି (ଅଧିନାୟକ), ଯଶବର୍ଦ୍ଧନ ଚୌହାନ (ଉପ ଅଧିନାୟକ), ରଜତ ଭାଘେଲ (ୱିକେଟ କିପର), ଆର୍ଯ୍ୟବୀର ସେହୱାଗ, ଭିକେ ବୀନିତ, କୁଶାଗ୍ରା ଓଝା, ଅର୍ଜୁନ ରାଜପୁତ, ମନାଲ ଚୌହାନ, ଅନଭୟ ଡ୍ରାଭିଡ୍ (ୱିକେଟ କିପର), ଭି ଯଶବୀର, ରୋହିତ ଯାଦବ, ଶାବିନ ବିନୋଧ, ମୋହିତ ଉଲଭା, ଚିଗୁପତି ଭେଙ୍କଟ ଓ କାଭ୍ୟ ପଟେଲ।

ବହୁ ଦିବସ ସିରିଜ ପାଇଁ ଭାରତୀୟ ଅଣ୍ଡର ୧୯ ସ୍କ୍ୱାଡ: ଯଶବର୍ଦ୍ଧନ ଚୌହାନ (ଅଧିନାୟକ), ଲକ୍ଷ୍ୟ ରାୟଚନ୍ଦାନି ( ଉପ ଅଧିନାୟକ), ସାଗର ବିର୍କ, କୁଶାଗ୍ରା ଓଝା, ମନାଲ ଚୌହାନ, କୁଶ ପଟେଲ, ମାନବ କ୍ରିଷ୍ଣା (ୱିକେଟ କିପର), ଅଭିପ୍ରିୟ ବିଶ୍ୱାସ (ୱିକେଟ କିପର), ରୋହିତ ଯାଦବ, ଈଶାନ ଓମ, ଆୟନ ଆକ୍ରମ, ପ୍ରଣବ ରାଘଭେନ୍ଦ୍ର, ପ୍ରିୟାଂଶୁ ସିଂହ, ମୋହିତ ଉଲଭା ଓ ଆର୍ଯ୍ୟନ ଯାଦବ।

## ମ୍ୟାଚ୍ ଡ୍ର ପରେ ଭାରତକୁ ଶକ୍ତ ଝଟକା

ଦୁବାଇ, ୨୭।୮ : ଫଲୋଅନ ସତ୍ତ୍ୱେ କଲୋମ୍ବୋ ଟେଷ୍ଟକୁ ଡ୍ର କରିବାକୁ ସକ୍ଷମ ହୋଇଛି ଶ୍ରୀଲଙ୍କା। ମ୍ୟାଚ୍ ଡ୍ର ହେବା ମାତ୍ରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଭାରତକୁ ଲାଗିଛି ଶକ୍ତ ଝଟକା। ୨୦୨୫-୨୭ ଡବ୍ଲ୍ୟୁଟିସି ବର୍ଷରେ ଭାରତ ଏଯାଏ ୧୧ଟି ଟେଷ୍ଟ ଖେଳିଥିବା ବେଳେ ୫ଟି ଜିତିଛି ଓ ୨ଟି ଡ୍ର କରିଛି। ସେହିପରି ଦଳକୁ ୪ଟି ଟେଷ୍ଟ ହାରିବାକୁ ପଡିଛି। ଆଜି ଶ୍ରୀଲଙ୍କା ବିପକ୍ଷ ଡ୍ର ପରେ ଭାରତର ବିଜୟ ପ୍ରତିଶତ ପଏଣ୍ଟ ୫୧.୫୨କୁ ଖସି ଯାଇଛି। ଏହି ମ୍ୟାଚ୍ ପୂର୍ବରୁ ଦଳର ବିଜୟ ପ୍ରତିଶତ ପଏଣ୍ଟ ୫୩.୩୩ ରହିଥିଲା। ତେଣୁ ଡ୍ର ଯୋଗୁ ପଏଣ୍ଟ ହ୍ରାସ ପାଇଛି। ଭାରତ ପୂର୍ବଭଳି ୫ମ ସ୍ଥାନରେ ରହିଛି।



୮୦ ବିଜୟ ପ୍ରତିଶତ ପଏଣ୍ଟ ସହ ଅଷ୍ଟ୍ରେଲିଆ ୧ ନମ୍ବରରେ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା (୭୫) ଦ୍ୱିତୀୟ, ନ୍ୟୁଜିଲ୍ୟାଣ୍ଡ (୭୨.୨୨) ତୃତୀୟ ଓ ବାଲାଂଦେଶ (୫୫.୫୬) ୪ର୍ଥରେ ରହିଛି। ଭାରତ ୫ମ ଓ ଶ୍ରୀଲଙ୍କା (୩୩.୩୩) ୬ଷ୍ଠ ସ୍ଥାନରେ ଅଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଭାରତ ଆଉ ୭ଟି ଟେଷ୍ଟ ଖେଳିବ। ଦଳ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରି ସେଠାରେ ୨ଟି ଓ ଆସନ୍ତାବର୍ଷ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ଟେଷ୍ଟରେ ଟକ୍କର କରିବ। ଅଷ୍ଟ୍ରେଲିଆ ଟିମ ଭାରତ ଗସ୍ତରେ ଆସିବାର ରହିଛି। ତେଣୁ ବିଶ୍ୱ ଟେଷ୍ଟ ଚାମ୍ପିନୟଶିପ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ୭ଟି ଟେଷ୍ଟରୁ ୬ଟି ବିଜୟ ଓ ୧ ଡ୍ର ଦରକାର। ଏହାବାଦ ଅନ୍ୟ ଟିମର ରେଜଲ୍ଟ ଉପରେ ମଧ୍ୟ ନିର୍ଭର କରିବାକୁ ପଡିବ। ଦ୍ୱିତୀୟ ଟେଷ୍ଟକୁ ବିଚାରକୁ ନେଲେ ଭାରତ ପ୍ରଥମ ଇନିଂସରେ ୫୦୩/୯ରେ ପାଳି ଘୋଷଣା କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ୨୯୦ ରନ କରିବାରୁ ଭାରତ ଫଲୋଅନ ଦେଇଥିଲା। ସେହିପରି ୪ର୍ଥ ଦିନର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୬ ୱିକେଟ ହରାଇ କେବଳ ୨୨୯ ରନ କରିଥିଲା। ହେଲେ ଆଜି ଶ୍ରୀଲଙ୍କା ମ୍ୟାଚ୍‌କୁ ବଞ୍ଚାଇବାକୁ ସକ୍ଷମ ହୋଇଛି।

# ୟୁଏସ୍ ଓପନ୍: ମେନ୍‌ସିକ୍-ମୁଚୋଭାଙ୍କୁ ମିଶ୍ରିତ ଯୁଗଳ ଟ୍ରଫି

ନ୍ୟୁୟର୍କଲ, ୨୭।୮ ଚଳିତ ୟୁଏସ୍ ଓପନ୍ ମିଶ୍ରିତ ଯୁଗଳରେ ଚେକ୍‌ଗଣରାଜ୍ୟ ଯୋଡି ଜାକୁବ ମେନ୍‌ସିକ ଓ କାରୋଲିନା ମୁଚୋଭା ବିଜେତା ହୋଇଛନ୍ତି। ଗୁରୁବାର ଫାଇନାଲ୍‌ରେ ଏହି ଯୋଡି ୬-୩, ୧-



୬, ୧୦-୬ ସେଟ୍‌ରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଇଟାଲି ଓ ସ୍ୱିଜରଲାଣ୍ଡ ଯୋଡି ଫାଭିଓ କୋବୋଲି- ବେଲିନ୍ଦା ବେନସିକ୍‌ଙ୍କୁ ପରାସ୍ତ କରିଛନ୍ତି। ଏଥି ସହ ଏହି ଯୋଡି ଏକାଠି ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଜିତିବାର ଗେରବ ପାଇଛନ୍ତି। ପୂର୍ବରୁ ସେମିଫାଇନାଲ୍‌ରେ କୋବୋଲି ଓ ବେନ୍‌ସିକ୍ ୪-୫, ୪-୧, ୧୦-୫ ସେଟ୍‌ରେ ଗେଲ୍ ମନ୍‌ଫିଲ୍ସ ଓ ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଥିଲେ। ସେହିଭଳି ମନ୍‌ଫିଲ୍ସ ଓ ସ୍ୱିତୋଲିନାଙ୍କୁ ୫-୪, ୩-୫, ୧୧-୯ ସେଟ୍‌ରେ ଆନ୍ଦ୍ରେ ରୁବଲେଭ ଓ ମୀରା ଆନ୍ଦ୍ରିଭାଙ୍କୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ। ଗତ ବର୍ଷଠୁ ୟୁଏସ୍ ଓପନ୍‌କୁ ଅଧିକ ଲୋକପ୍ରିୟ କରିବା ଲାଗି ମୁଖ୍ୟ ପ୍ରତିଯୋଗିତାର ସପ୍ତାହ ପୂର୍ବରୁ ଏକକର ଶୀର୍ଷସ୍ତରୀୟ ଖେଳାଳିଙ୍କୁ ନେଇ ମିଶ୍ରିତ ଯୁଗଳ ଇଭେଣ୍ଟ୍ ଖେଳାଯାଉଛି। ଏହି ୧୬ ଦଳୀୟ ପ୍ରତିଯୋଗିତା ମଙ୍ଗଳବାରଠୁ ଆରମ୍ଭ ହୋଇଥିଲା। ଏଥିରେ ତାରକା ଯୋଡି ନୋଭାକ ଜୋକୋଭିକ୍ ଓ ଆରିନା ସାବାଲେଙ୍କା ଏବଂ କାର୍ଲାସ ଆଲ୍‌କାରାଜ ଓ ସେରେନା ୱିଲିୟମ୍ସ ଅଂଶଗ୍ରହଣ କରିଥିଲେ।


# ଜନ୍ମଦିନ ପାର୍ଟିରେ କାସି ବେନେଟ୍‌ଙ୍କୁ ବିବାହ ପ୍ରସ୍ତାବ ଦେଲେ ବୋଲ୍ଟ

କିଙ୍ଗଷ୍ଟନ୍: ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ଜୀବନରେ ଆସିଛି ଏକ ବିଶେଷ ମୁହୂର୍ତ୍ତ। ନିଜ ୪୦ତମ ଜନ୍ମଦିନ ପାର୍ଟିରେ ସେ ଦୀର୍ଘଦିନର ପ୍ରେମିକା କାସି ବେନେଟ୍‌ଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ସରପ୍ରାଇଜ୍ ପ୍ରପୋଜାଲ୍‌ରେ କାସି ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବୋଲ୍ଟ ଏବଂ କାସି ଦୀର୍ଘ ୧୩ ବର୍ଷ ଧରି ସମ୍ପର୍କରେ ଅଛନ୍ତି। ଦୁହିଁଙ୍କର ତିନୋଟି ସନ୍ତାନ ମଧ୍ୟ ଅଛନ୍ତି। ଏତେ ବର୍ଷର ସମ୍ପର୍କ ପରେ ବୋଲ୍ଟ ଏବେ କାସିଙ୍କୁ ଜୀବନସାଥୀ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଜନ୍ମଦିନ ପାର୍ଟି ଚାଲିଥିବା ବେଳେ ବୋଲ୍ଟ ହଠାତ୍ କାସିଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ବସିଥିଲେ। ଏହାପରେ ସେ କାସିଙ୍କୁ ଏକ ହୀରା ମୁଦି ଦେଇ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ମୁହୂର୍ତ୍ତ କାସିଙ୍କ ପାଇଁ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ପରେ କାସି ଏହି ବିଶେଷ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ସେୟାର କରିଥିଲେ। ଫଟୋ ସାମ୍ନାକୁ ଆସିବା ପରେ ବୋଲ୍ଟଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।କାସି ବେନେଟ୍ ଜାମାଇକାର ଜଣେ ମଡେଲ୍ ଓ ବ୍ୟବସାୟୀ। ସେ ମାର୍କେଟିଂ ଏବଂ ବ୍ୟବସାୟ ବିକାଶ କ୍ଷେତ୍ରରେ ମଧ୍ୟ ସକ୍ରିୟ ଅଛନ୍ତି। ସେ ଜାମାଇକାର ଏଲିଭେଟ୍ ମାର୍କେଟିଂ ହାଉସ୍ ସହିତ ଜଡ଼ିତ ଅଛନ୍ତି। କାସି ସାମାଜିକ କାର୍ଯ୍ୟରେ ମଧ୍ୟ ଜଡ଼ିତ। ସେ ପ୍ରୋଜେକ୍ଟ କେସିର ପ୍ରତିଷ୍ଠାତା। ଏହି ସଂଗଠନ ପିଲାମାନେ ଓ ବିଭିନ୍ନ ସମ୍ପ୍ରଦାୟ ସହ କାମ କରେ। କାସି ବ୍ୟବସାୟ ପରିଚାଳନାରେ ମାଷ୍ଟର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି।

ଉସେନ ବୋଲ୍ଟ ଆଥଲେଟିକ୍ସ ଜଗତର ଜଣେ କିମ୍ବଦନ୍ତୀ। ସେ ୮ଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିଅନସିପ୍‌ରେ ମଧ୍ୟ ସେ ୧୪ଟି ପଦକ ହାସଲ କରିଛନ୍ତି। ସେ ୧୧ ଥର ବିଶ୍ୱ ଚାମ୍ପିଅନ୍ ହୋଇଛନ୍ତି। ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ବୋଲ୍ଟ ଅନେକ ରେକର୍ଡ କରିଛନ୍ତି। ୪x୧୦୦ ମିଟର ରିଲେରେ ମଧ୍ୟ ତାଙ୍କର ସଫଳତା ରହିଛି। ୨୦୦୯ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ବୋଲ୍ଟ ୧୦୦ ମିଟର ଦୌଡ଼କୁ ମାତ୍ର ୯.୫୮ ସେକେଣ୍ଡରେ ଶେଷ କରିଥିଲେ। ଏହି ବିଶ୍ୱ ରେକର୍ଡ ଏବେ ମଧ୍ୟ ଅତୁଟ ରହିଛି। ବୋଲ୍ଟଙ୍କ ଜନ୍ମଦିନ ଏଥର କେବଳ ଏକ ପାର୍ଟିରେ ସୀମିତ ରହିନାହିଁ। ଏହି ଦିନଟି ତାଙ୍କ ଜୀବନର ଏକ ସ୍ମରଣୀୟ ଦିନ ପାଲଟିଛି। ଦୀର୍ଘଦିନର ପ୍ରେମିକା କାସିଙ୍କୁ ପ୍ରପୋଜ୍ କରି ବୋଲ୍ଟ ନିଜ ସମ୍ପର୍କକୁ ଏକ ନୂଆ ପରିଚୟ ଦେଇଛନ୍ତି।

# ଏମ୍‌ବାପେଙ୍କ ହ୍ୟାଟ୍ରିକରେ୍ ରିଅଲ୍ ମାଦ୍ରିଦ୍ ବିଜୟୀ

ସାଣ୍ଟିଆଗୋ ବର୍ଣ୍ଣାବିଉ ୨୭।୮: କିଲିଆନ୍ ଏମ୍‌ବାପେଙ୍କ ହ୍ୟାଟ୍ରିକ୍ ବଳରେ ଚଳିତ ଲାଲିଗା ଋତୁରେ ରିଅଲ୍ ମାଦ୍ରିଦ୍ ଘରୋଇ ପଡିଆରେ ପ୍ରଥମ ବିଜୟ ପାଇଛି। ତାଙ୍କର ଏହି ଗୋଲ୍ ବଳରେ ରିଅଲ୍ ମାଦ୍ରିଦ ୪-୧ ଗୋଲ୍‌ରେ ରିଅଲ୍ ସୋସିଓଦାଦ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ଏମ୍‌ବାପେଙ୍କ



ଗୋଲ୍‌ରେ ରିଅଲ୍ ମାଦ୍ରିଦ୍ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାର ୪ ମିନିଟ୍ ପରେ ଲୁକା ସୁସିକ୍ (୪୪ ମିନିଟ୍) ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ସ୍ଥିତି ୧-୧ କରିଥିଲେ। ଦ୍ୱିତୀୟାର୍ଦ୍ଧକୁ ମାଦ୍ରିଦ୍ ପୂରା ନିଜ ନିୟନ୍ତ୍ରଣରେ ରଖିଥିଲା। ୬୦ତମ ମିନିଟ୍‌ରେ ଏମ୍‌ବାପେ ଏବଂ ୬୮ତମ ମିନିଟ୍‌ରେ ଭିନିସିଅସ୍ ଜୁନିୟର ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୩-୧ରେ ଦଳକୁ ଆଗରେ ରଖିଥିଲେ। ୮୦ତମ ମିନିଟ୍‌ରେ ଏମ୍‌ବାପେ ବ୍ୟକ୍ତିଗତ ହ୍ୟାଟ୍ରିକ୍ ସଫଳତା ପାଇବା ସହ ଦଳକୁ ୪-୧ରେ ବିଜୟ ଦେଇଥିଲେ।

# ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଟିକେଟ୍ ବିକ୍ରିରେ ରେକର୍ଡ

ଅକଲାଣ୍ଡ, ୨୭।୮ : ଭାରତୀୟ କ୍ରିକେଟ୍‌ଦଳ ଆସନ୍ତା ଅକ୍ଟୋବରରେ ନ୍ୟୁଜିଲାଣ୍ଡ ଗସ୍ତ କରି ପୂର୍ଣ୍ଣ କାଳୀନ ଶୃଙ୍ଖଳା ଖେଳିବ। ଏଥିରେ ୫ ଲେଖାଏଁ ଟ୍‌ବେଣ୍ଟି-୨୦ ଓ ଏକଦିବସୀୟ ଏବଂ ୨ ଟେଷ୍ଟ୍ ରହିଛି। ଏହି ଶୃଙ୍ଖଳା ଲାଗି ଟିକେଟ୍ ବିକ୍ରି ଆରମ୍ଭର ୪୮ ଘଣ୍ଟା ଭିତରେ ୨୬୦୦୦ରୁ ଅଧିକ ଟିକେଟ୍ ସରିଗଲାଣି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଅକ୍‌ଲାଣ୍ଡର ଇଡେନ୍ ପାର୍କରେ ଖେଳାଯିବାକୁ ଥିବା ଧଳାବଲ୍ ମ୍ୟାଚ୍‌ର ସବୁଠୁ ଅଧିକ ଟିକେଟ୍ ବିକ୍ରି ହୋଇଛି। ଖ୍ରିଷ୍ଟଚର୍ଚ୍ଚର ୯୦୦୦ ସିଟ୍ ବିଶିଷ୍ଟ ହାଗ୍‌ଲେ ଓଭାଲରେ ଖେଳାଯିବାକୁ ଥିବା ଅକ୍ଟୋବର ୨୨ ଓ ୨୪ରେ ପ୍ରଥମ ଦୁଇ ଟ୍‌ବେଣ୍ଟି-୨୦ ଏବଂ ନଭେମ୍ବର ୨୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଖେଳାଯିବାକୁ ଦ୍ୱିତୀୟ ଟେଷ୍ଟ୍ ବେଳେ ପଡିଆ ପୂର୍ଣ୍ଣ ରହିବ। ଏଚ୍‌ଏନ୍‌ଆର୍‌ୱାଇ ଷ୍ଟାଡିୟମ୍‌ରେ ଅକ୍ଟୋବର ୨୭ରେ ତୃତୀୟ ଟ୍‌ବେଣ୍ଟି-୨୦ ଏବଂ ନଭେମ୍ବର ୭ରେ ଦ୍ୱିତୀୟ ଦିନିକିଆ ଟିକେଟ୍ ମଧ୍ୟ ବହୁମାତ୍ରାରେ ବିକ୍ରି ହୋଇଥିବା ନେଇ ନ୍ୟୁଜିଲାଣ୍ଡ କ୍ରିକେଟ୍ ବିଜ୍ଞପ୍ତିରେ ସୂଚନା ଦେଇଛି।

## ଆଜିଠୁ ଦୁବାଇରେ ମହିଳା ଏସିଆ କପ୍ କ୍ରିକେଟ୍

ଦୁବାଇ, ୨୭।୮: ମହିଳା ଏସିଆ କପ୍ କ୍ରିକେଟ୍ ଶୁକ୍ରବାରଠୁ ଦୁବାଇରେ ଆରମ୍ଭ ହେବ। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍‌ବେଣ୍ଟି-୨୦ ପ୍ରତିଯୋଗିତାରେ ୮ ଦଳ ଭାରତ ସହ ବିଜେତା ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ହଂକଂ, ଚୀନ୍, ୟୁଏଇ ଓ ଇଣ୍ଡୋନେସିଆ ଅଂଶଗ୍ରହଣ କରୁଛନ୍ତି। ୨୦୨୪ ଫାଇନାଲ୍‌ରେ ଶ୍ରୀଲଙ୍କାଠୁ ହାରିଥିବା ଭାରତ ଏଥର ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ସଂସ୍କରଣରେ ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ହଂକଂ ଓ ଥାଇଲାଣ୍ଡ ସହ ରହିଛି। ଭାରତ ରବିବାର ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଶୁକ୍ରବାର ଉଦ୍‌ଘାଟନୀ ମୁକାବିଲାରେ ଥାଇଲାଣ୍ଡ ଓ ହଂକଂ ମୁହାଁମୁହିଁ ହେବେ।



Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,